
# ପିଲାଙ୍କ କଥା
# (ଭୁଂଜିଆ)
## ପ୍ରଥମ ଭାଗ



# ପିଲାଙ୍କ କଥା (ଭୁଞ୍ଜିଆ)

## ପ୍ରଥମ ଭାଗ

**ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଆଧାରରେ ପିଲା ଓ**
**ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା**


ନିର୍ଦ୍ଦେଶକ
ପ୍ରଫେସର ଅଖିଳ ବିହାରୀ ଓତା

ପ୍ରସ୍ତୁତି
ଭୁଞ୍ଜିଆ ସଂସାଧକ ମଣ୍ଡଳୀ
ଶ୍ରୀ ବୀର ଜଗତ
ଶ୍ରୀ ଟୁନାସିଂ ଛତ୍ରିଆ
ଶ୍ରୀ କୋକିଳ ନାୟକ

ସଂଯୋଜନା
ଡ଼ଃ ପରମାନନ୍ଦ ପଟେଲ

ଅଳଙ୍କରଣ
ପ୍ରିୟରଞ୍ଜନ ବରାଳ



ପ୍ରକାଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର



Director :
**Prof. (Dr.) A.B. Ota**

Prepared by :
**Bhunjia Resource Group**
**Sri Bira Jagat**
**Sri Tunasingh Chhatria**
**Sri Kokila Nayak**

Co-ordinator :
**Dr. Paramananda Patel**

Illustration :
**Priyaranjan Baral**



Published by :
**Academy of Tribal Languages & Culture**
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସମ୍ପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକ ଅନେକ ଉପଭାଷା; ବୋଲି ତିଆରି କରି ଦେଇଛି । ତେଣୁ ଏହା ବିଚାରକୁ ନେଲେ ଅନେକ ଭାଷା-ଉପଭାଷାର ସମାହାର ଏକ ବୈଚିତ୍ର ପରିବେଶ ସୃଷ୍ଟି କରେ ।

ଦ୍ୱିତୀୟତଃ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଅଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀରୁ ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରେକ ବୁଝିବାରେ ଅକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ୍ୟ ରାଜ୍ୟ ବ୍ୟବସ୍ଥା ସହ ଜଡ଼ିତ, ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ କ୍ଷେତ୍ର ପ୍ରସ୍ତୁତ ହୁଏ; ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୂର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ, ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପର୍ଯ୍ୟାୟ କ୍ରମେ ତାଲିମ୍ ପ୍ରଦାନ କରାଯାଉଛି । ଦ୍ୱିତୀୟତଃ, ପ୍ରଥମ, ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବା ପାଇଁ ତାଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ରଭିତ୍ତିକ କାହାଣୀ, ଗୀତ-ପହଳିର ଅତିରିକ୍ତ ପୁସ୍ତିକା ପ୍ରସ୍ତୁତ କରାଯାଉଛି ।

ଏହା ପିଲାମାନଙ୍କୁ କେବଳ ଯେ ଆନନ୍ଦ ଦେବ ତା ନୁହେଁ, ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ପ୍ରଭାବିତ କରୁଛି ତା ଉପରେ ଧାରଣା ଦେବ ।

ପ୍ରସ୍ତୁତ ଭୁଂଜିଆ ଭାଷାର ପ୍ରଥମ ଭାଗରେ ସନ୍ନିବିଷ୍ଟ କାହାଣୀ ଗୁଡ଼ିକରେ ସ୍ଥାନୀୟ ସାଂସ୍କୃତିକ ଉପାଦାନକୁ ପ୍ରାଧାନ୍ୟ ଦିଆଯାଇଛି । ଏକ ବୃହତ୍ତର ଜନ ସମୁଦାୟର ସଂସ୍କୃତି କିପରି ପରସ୍ପରକୁ ପୁଷ୍ଟ କରିଛି ଓ ନିଜର କରିଛି ତାର ଏକ ଝଲକ ଏହି ପୁସ୍ତିକାରୁ ମିଳିପାରିବ ।

**ଅଖିଳ ବିହାରୀ ଓତା**

# ଆମ୍ଲି ଚୋ ଜନମ୍ ଗୋଏଟ୍
# (ତେନ୍ତୁଳିର ଜନ୍ମ କଥା)

ଏଲ୍ ଘାଓ୍ବଁ ଚୋ ଗୋଏଟ୍ । କଷମା ଗୁଡ଼ାଏଁ ସୁନ୍ଦ୍‌ରହି ମୁହିଁ ଗୋଟୋକ୍ ନୋନି ରହେଲି । ନୋନି ଚୋ ବିହା ବରଷ୍ ହେଲୋ । ଠାଓ୍ବଁଏଁ ଗାଓ୍ବଁଲେ ଗୋଟକ୍ କୋନ୍ଧବାବୁ ଏଲୋ । ନୋନିକେ ବିହା ହେତୋ ସେତି ଜିଦ୍ କଏର୍‌ଲୋ । ଜୋର୍ କରୁନ୍ ନେହୁନ୍ ଗୋଲୋ । ବିହାଘର୍ ଛେଧଏ୍‌ଲୋ, ଠାକୁର ଦେଓ ଆଉ ଠକ୍‌ରାଇନ୍ ଦେଓ ନୋନିଚୋ ସୋନା ଆନ୍‌ତୋ ସେତି ବାବୁ ଘର୍‌କେ ଗଲା । ଗାଓ୍ବଁ ଚୋ ଲୋଗ୍‌ମାନେ ଠକ୍‌ରାଏନ୍ ସେହେଙ୍ଗ୍ ଗଲା । ନାଚ୍ ଗିତ୍ ହେଲୋ । ଭୋଜିଭାତ୍ ହେଲୋ । ଦୁହ୍ଲା ବାହୁଁକ୍‌ଲେ ଗୋଟୋକ୍ ଗାୟ, ଗୋଟକ୍ ଛେରି ଆଉ ଗୋଟକ୍ ଘୁଁଷ୍‌ରି ଦେଲା । ଦୁଇଝାନ୍ ଠାକୁର ଠାକ୍‌ରାଏନ୍‌କେ ବିଦା ଦେଲା ।



ଥରକର କଥା କଷମାଗୁଡାରେ ସୁନ୍ଦରୀ ଝିଅଟିଏ ଥିଲା । ଝିଅର ବାହା ବୟସ ହେଲା । ପାଖ ଗାଁରୁ ଗୋଟିଏ କନ୍ଧ ପିଲା ଆସିଲା । ଝିଅକୁ ବାହା ହେବା ପାଇଁ ଜିଦ୍ କଲା । ଜୋର୍ କରି ନେଇଗଲା । ବାହାଘର ସରିଲା । ଠାକୁରାଣୀ ଉରୁଜାଇ ଓ ପିନୁରୁଜାଇ କନ୍ୟାସୁନା ଆଣିବା ଲାଗି ପୁଅ ଘରକୁ ଗଲେ । ଗାଁ ଲୋକମାନେ ଠାକୁରାଣୀଙ୍କ ସହିତ ଗଲେ । ନାଚଗୀତ ହେଲା । ଭୋଜି ଭାତ ହେଲା । ବରପକ୍ଷ ଗୋଟିଏ ଗାଈ, ଗୋଟିଏ ଛେଳି ଓ ଗୋଟିଏ ଘୁଷୁରି ଦେଲେ । ଯଥା ସମ୍ମାନରେ ଦୁଇ ଠାକୁରାଣୀଙ୍କୁ ବିଦାୟ ଦେଲେ । ଦୁଇ ଠାକୁରାଣୀ କନ୍ୟାସୁନା ଆଣି କଷମାଗୁଡ଼ା ଫେରି ଆସିଲେ ।

**ଠାକୁର୍ ଠକ୍‌ରାଏନ୍ ନୋନି କାଜେ ସୋନ୍ ଆନୁନ୍ କଷ୍‌ମାଗୁଡ଼ା ଫିର୍‌ଲା । ହୁମାନ୍ ସେଙ୍ଗ୍ ଗାଓଁ ଚୋ ଲୋଗ୍ ବି ଏଲା । ବାଟେଏଁ ହୁମାନ୍‌କେ ଭୁକ୍ ଲାଏଗ୍‌ଲୋ । ହୁମାନେ ତିନ୍‌ଠାନ୍ ପୋଖ୍‌ନା ଆଏନ୍‌ଲା ଆଉ ମୁଣ୍ଡିଲା ବନାଏଲା । ଦୁହ୍ଲା ଘର୍‌ଏଁ ଦେଲୋ ଗାୟ୍‌କେ ମାରୁନ୍ ଖାଏଲା । ବଡ୍ଡେ ଖୁସିଏଁ ଖାଏଲା । ଆଧା ବେଟାବେଟିମାନେ ବନ୍ ଭିତ୍‌ରେଁ ଉପାସେଁ ରହେଲା । ମଁନ୍ଦ୍ ପିଉନ୍ ନାଚ୍ ଗୀତ୍ କଏରଲା । ଖାନାପିନା ଛେଧଏଲୋ । ମଁନ୍ଦ ନିଶା କଏମ୍‌ଲୋ । ଗାଓଁ ଚୋ ସଭଏ ଠକ୍‌ରାଏନ୍ ଆଉ ଠାକୁର୍ ଦେଓକେ ପଚାଏର୍‌ଲା- ଯୋ ତିନ୍‌ଠାନ୍ ପୋଖ୍‌ନା କାଏଁ ହେଟୋ ? ଦେଓ ସବ୍‌ଚୋ ଉପ୍‌ରେଁ ରିଷ୍ କରୁନ୍ ରହେଲି ।**



ସେମାନଙ୍କ ସହିତ ଗାଁ ଲୋକ ମଧ୍ୟ ଆସିଲେ । ବାଟରେ ସେମାନଙ୍କୁ ଭୋକ କଲା । ସେମାନେ ତିନୋଟି ପଥର ଆଣିଲେ । ପଥରରେ ଗୋଟିଏ ଚୁଲି ତିଆରି କଲେ । ପୁଅପକ୍ଷ ଦେଇଥିବା ଗାଈକୁ ମାରିଲେ । ତରକାରୀ ରାନ୍ଧିଲେ । ମହାଆନନ୍ଦରେ ଖାଇଲେ । କିନ୍ତୁ ବଣ ଭିତରେ ପୁଅମାନେ ଉପାସ ରହିଲେ । ମଦ ପିଇଲେ । ନାଚଗୀତ କଲେ । ଗାଁକୁ ଆସିଲେ । ଖିଆପିଆ ସରିଲା । ମଦ ନିଶା କମିଲା । ସମସ୍ତେ ଠାକୁରାଣୀଙ୍କୁ ପଚାରିଲେ – ଏ ତିନୋଟି ପଥର କ'ଣ ହେବ ? ଠାକୁରାଣୀ ସମସ୍ତଙ୍କ ଉପରେ ରାଗିଥିଲେ ।

ପିଲାଙ୍କ କଥା

ଗାୟ୍‌କେ ମାରୁନ୍ ଖାଏଲା କାଯେଁ ରିଷ୍ କରୁଁ ରହେଲି । ଦେଓ୍ୱ ଆପ୍‌ଲୁ ଗୋଡେଁ ହୁନ ମୁଣ୍ଡ୍‌ଲା କେ ଏକ୍ ଲାତ୍ ମାଏର୍‌ଲି । ହୁନ୍ ମୁଣ୍ଡ୍‌ଲାଲେ ଗୋଟୋକ୍ ବଡ଼େ ରୁକ୍ ଉଇଠ୍‌ଲୋ । ଲୋଗ୍ ମାନ୍ ୟାହା କାଏଁ ରୁଖ୍ ହୁନ୍ ବଲ୍‌ତା କେ ଦେଓ୍ୱ ବଏଲ୍‌ଲି - ୟାହାରା ଆମ୍‌ଲି ରୁଖ୍ ହୁନ୍ । ଏତକ୍ ଦିନ୍‌ଲେ ୟୋ ପିର୍ଥିଏଁ ଆମ୍‌ଲି ରୁଖ୍‌କେ ନାହିଁ ଜାନୁ ରହିଁ । ଆମ୍‌ଲିକେ କୋନଏଁ ଦେଖୁନ୍ ନାହିଁ ରହିଁ କି ଖାହୁଁନ୍ ନାହିଁ ରହିଁ । ଆମ୍‌ଲି ରୁଖେଁ ନଓ୍ୱା ଫୁଲ୍ ଦେଲୋ । ପିଲି ପିଲି ଆମ୍‌ଲି କଷି ହେଲୋ । ହୁଁଥାଲେ ପାଏକ୍‌ଲୋ । କଷ୍‌ମାଗୁଡା ଚୋ କୋନ୍ଧ ମାନ୍ ପହିଲି କରୁନ୍ ଆମ୍‌ଲି ଖାଏଲା । ଏନେଚ୍ ପାଛେ ଦୁସରା ଲୋଗ୍‌ମାନ୍ ଆମ୍‌ଲି ଖାହୁଁକେ ଶିଖ୍‌ଲା ।



ଗାଈକୁ ମାରିଥିବା ହେତୁ କୋପ କଲେ । ନିଜ ଗୋଡ଼ରେ ଚୁଲି ଝିଙ୍କାକୁ ଗୋଇଠାଏ ମାରିଲେ । ପଥର ଭିତରୁ ଗୋଟିଏ ବିରାଟ ଗଛ ଉଠିଲା । ସେହି ଗଛଟି ଥିଲା ତେନ୍ତୁଳି ଗଛ । ସେତେଦିନ ଯାଏ ପୃଥିବୀରେ ତେନ୍ତୁଳି ଗଛ ନ ଥିଲା । ଲୋକମାନେ ତେନ୍ତୁଳି କ'ଣ ଜାଣି ନ ଥିଲେ । ତେନ୍ତୁଳି କେହି ବି ଦେଖି ନ ଥିଲେ । ଖାଇ ନ ଥିଲେ । ତେନ୍ତୁଳି ଗଛରେ ନୂଆ ତେନ୍ତୁଳି ଫୁଲ ଧରିଲା । ଛୋଟ ଛୋଟ ତେନ୍ତୁଳି କଷି ହେଲା । ତା'ପରେ ପାଚିଲା । କଷମାଗୁଡ଼ା ଗାଁର ଲୋକମାନେ ପହିଲି ତେନ୍ତୁଳି ଖାଇଲେ । ଏହି ଘଟଣାଠାରୁ ସମସ୍ତେ ତେନ୍ତୁଳି ଖାଇଲେ ।

# କୁରୁଡ୍ଵାଁ ଚୋ ଜନମ୍ କହିନ୍ (ପେଟର ଜନ୍ମ କାହାଣୀ)

ବଣ୍ଡା ଡୋଙ୍ଗ୍ରେଁ ଡୋକେ୍ର୍ ଗୋଟୋକ୍ ରହେଲି । ଡୋକେ୍ର୍ ସେଙ୍ଗ୍ ଡୋକ୍ରା ରହତ୍ ରହେଲୋ । ହୁଁମାନ୍ ଚୋ ସାତ୍ ଠାନ୍ ବେଟାଏସ୍ ରହେଏଲା । ସାତ୍ଠାନ୍ ବେଟାଏସ୍, ବାପୁଁସ୍, ମାଁଇସ୍ ସଭଏ କରୁଁନ୍ ନୌ ଝାନ୍ । ଘରେଁ ଖାତୋ ପିତୋ ଚୋ ଅଭାବ୍, ବାବୁ ମାଁନ୍ ଇଲ୍କି ଲେ ବଡେ ହେଲା । ହୁଁନ୍ମାନ୍ ଚୋ ଖାତୋ ହାର୍ବଢୁନ୍ ଗୋଲୋ । ଘରେ ଯାହା ରାନ୍ଧା ହେତ୍ ରହେଲୋ ବାବୁମାନ୍ ଖାତ୍ ରହେଲା । ଡୋକ୍ରା ଡୋକେର୍ ଉପାସେଁ ଶୋଓ୍ଵତ୍ ରହେଲା । କାଏଁ କର୍ତା ? କେତକ୍ ଦିନ୍ ଇସ୍ଏ ଚଲ୍ତା ? ଭୁଖେଁ ରହେଲେ ବି କାହାକେ କହତା ? ବେଟାଏସ୍ ମାନ୍ ତୋ ଖାତାଛୟତ୍ । ଯାହାକେ କହେଲେ ବି ଲୋଗ୍ ହାସୁଁନ୍ ପୋକାତା ।



ବଣ୍ଡା ପାହାଡ଼ରେ ବୁଢ଼ୀଟିଏ ଥିଲା । ବୁଢ଼ୀ ସହିତ ବୁଢ଼ା ରହୁଥିଲା । ସେମାନଙ୍କର ସାତ ପୁଅ ଥିଲେ । ସାତ ପୁଅ, ବାପା ମାଆ । ମୋଟ୍ ନଅ ଜଣ । ଘରେ ଖାଇବା ପିଇବାର ଅଭାବ । ପୁଅମାନେ ଛୋଟରୁ ବଡ଼ ହେଲେ । ସେମାନଙ୍କର ଖାଇବା ବଢ଼ିଲା । ଘରେ ଯାହା ରୋଷେଇ ହେଉଥିଲା ପୁଅମାନେ ଖାଉଥିଲେ । ବୁଢ଼ା ବୁଢ଼ୀ ଉପାସ ଶୋଉଥିଲେ । କ'ଣ କରିବେ ? କେତେଦିନ ଏମିତି ଚଳିବେ ?ଭୋକରେ ରହିଲେ ମଧ୍ୟ କାହାକୁ କହିବେ ? ପୁଅମାନେ ତ ଖାଉଛନ୍ତି ।

ପିଲାଙ୍କ କଥା

ଘର୍‌ତୋ ଗୋଏଠ୍ କେ ବାହିର୍‌ରେଁ ଲୋଗ୍‌କେ କହତୋ ହା ବନକ୍ ନ ହୋୟ । ଖେପକ୍ ଡୋକ୍ରା ଡୋକେର୍ ରାଏଁତେ ଶୋଏଲା । ଶୋଉତ୍ ଘଡିକ୍ ଡୋକ୍ରା ଡୋକେର୍ କେ ବଏଲ୍‌ଲୋ - ଆମ୍‌ହିଁ କେତେକ୍ ଦିନ୍ ଉପାସେଁ ରହୁଁଓ୍ୱା । ଡୋକେର ଡୋକ୍ରା କେ ବଏଲ୍‌ଲି - ଆମ୍‌ହିଁ କାଏଲ୍ କେ ସବ୍ କୁକୁଡ଼ା କେ ମାରୁଁନ୍ ଖାଁହୁଁନ୍ ଦେଓ୍ୱାଁ । ବାବୁ ମାନ୍ ଖାଏତ୍ ନାହିଁ । ଡୋକେର୍ ତୋ ଗୋଏଠ୍ କେ ଡୋକ୍ରା ମାଏନ୍ ଲୋ । ବାକି କାଏଁ ହେତୋ ? ପିଲା ବେଟାଏସ୍ ସବ୍ ଗୋଏଠ୍ କେ ଶୁନତ୍ ରହେଲୋ । ହୁଁନ୍ ଛୟ ଭାଇକେ ବାପୁସ୍ ମାଇସ୍ ତୋ ଗୋଏଠ୍ କେ କହୁଁନ୍ ଦେଲୋ ।




ଯାହାକୁ କହିବେ ଲୋକହସା ହେବେ । ଘରକଥା ବାହାର ଲୋକଙ୍କୁ କହିବା ଠିକ୍ ନୁହେଁ । ଥରେ ବୁଢ଼ାବୁଢ଼ୀ ରାତିରେ ଶୋଇଲେ । ଶୋଇଲା ବେଳେ ବୁଢ଼ା ବୁଢ଼ୀକୁ କହିଲା - ଆମେ କେତେଦିନ ଆଉ ଉପାସ ରହିବା ?ବୁଢ଼ୀ ବୁଢ଼ାକୁ କହିଲା - ଆମେ କାଲି ସବୁତକ କୁକୁଡ଼ା ମାରି ଖାଇଦେବା । ପିଲାମାନେ ଜାଣିବେ ନାହିଁ । ବୁଢ଼ୀ କଥାରେ ବୁଢ଼ା ରାଜି ହେଲା । କିନ୍ତୁ କ'ଣ ହେବ ? ସାନ ପୁଅ ସବୁ କଥା ଶୁଣିଥିଲା । ସେ ଛଅ ଭାଇଙ୍କୁ ବାପା ବୋଉଙ୍କ କଥା କହିଦେଲା ।

ଦିନ୍ ଗୋଲୋ ଦିନ୍ ଯାହୁନ୍ ସାଂଞ୍ଜଏଲୋ ହୁଁଆଥାଲେ । ରାଏଁତ୍ ହେଲୋ । ସହିଁ ରାଏଁତ୍ ଆଧା ହେଲୋ ଘଡିକ୍ ଡୋକ୍ରା ଉଇଠ୍ଲୋ । ଡୋକେର୍ ବି ଉଇଠଲି । ଡୋକ୍ରା କୁକ୍ଡ଼ା ଘରକେ ଗଲୋ । କୁକ୍ଡା ମାଏର୍ଲୋ ମାଁସ୍ ବନାଏଲୋ । ଡୋକେର୍ ବି ମାଁସ୍ ଝୋଲ ରାଏନ୍ଧିଲି । ବେଟାଏସ୍ ମାନେ ମାଁଇସ୍ ବାପୁସ୍ କେ ଦେଖ୍ ତୟ ରହଏତ୍ । ଡୋକ୍ରା ଡୋକେର୍ ଖାଉଁକେ ବଏସ୍ଲା । କୁକ୍ଡ଼ା ଝୋଲ ଖାଁତୋ ସିତିକ୍ । ବଡାୟ୍ ସୋଉଁକ୍ । ବାକି କିସ୍ ହେତୋ । ବାକି ଖାଉଁକେ ବଏସ୍ଲା ଘଡିକ୍ ବଡ଼କା ବେଟାଏସ୍ ଏହୁଁନ୍ ଗୋଲୋ । ଡୋକ୍ରା ଡୋକେର୍ ଚମକୁନ୍ ଗଲା । ଖାତୋହା ବନ୍ଧ ହେଲୋ ।



ଦିନ ଗଲା ସଂଜ ବୁଡ଼ିଲା । ରାତି ହେଲା । ଠିକ୍ ରାତି ଅଧ ବେଳକୁ ବୁଢ଼ା ଉଠିଲା । ବୁଢ଼ୀ ମଧ୍ୟ ଉଠିଲା । ବୁଢ଼ା କୁକୁଡ଼ା ଘରକୁ ଗଲା କୁକୁଡ଼ା ମାରିଲା, ମାଂସ ବନେଇଲା । ବୁଢ଼ୀ ମଧ୍ୟ ମାଂସ ଝୋଳ ରାନ୍ଧିଲା । ପୁଅମାନେ ବାପାବୋଉଙ୍କୁ ଲକ୍ଷ ରଖିଥାନ୍ତି । ବୁଢ଼ାବୁଢ଼ୀ ଖାଇ ବସିଲେ । କୁକୁଡ଼ା ଝୋଳ ଖାଇବା ପାଇଁ ଭାରି ଇଚ୍ଛା । କିନ୍ତୁ କ'ଣ ହେବ ? ଠିକ୍ ଖାଇ ବସିଲା ବେଳେ ବଡ଼ ପୁଅ ଆସି ପଂହଚିଲା । ବୁଢ଼ାବୁଢ଼ୀ ଚମକି ପଡ଼ିଲେ ।

**ବଡ୍‌କା ବେଟାଏସ୍ ବଏଲ୍‌ଲୋ – ମୋକେ ମାଁସ୍ ଝୋଲ ଦାଁହା । ମୁଁଇ ଖାତି । ସାତ୍ ଭାଇସ୍ ସାତ୍ ଦିନ୍ । ଇସୟ ଖାତ ରହଏତ୍ । ସାତ୍ ଦିନ୍ ଡୋକ୍ରା, ଡୋକେର୍ ଉପାସେଁ ରହେଲା । ଆଖରିଏଁ ବାକି ବେଟାଏଁସ୍ ମାନ୍‌କେ ବୁର୍‌ରା କେ ଖେଧୁଁନ୍ ଦେତେ । ନ ହେଲେ ମରତ୍ ତକ୍‌ଲେ ଇସୟ୍ ଉପାସେଁ ରହତ୍ ରହତା । ଡୋକ୍ରା ଡୋକେର୍ ହୁଁସୟ କର୍‌ଏଁଲା । ସତ୍ ଅସତ୍ କହୁଁନ୍ ବେଟାଏସ୍ ମାନକେ ବୁର୍‌ରାକେ ନେଲା । ବୁର୍‌ରା ଯେଁ ହୁଁ ମାନ୍‌କେ ଛାଡୁନ୍ ଦେଲା । ଡୋକରା ଡୋକ୍‌ରି ଘର୍‌କେ ପଲୁନ୍ ଏଲା ।**



ଖାଇବା ବନ୍ଦ ହୋଇଗଲା । ବଡ଼ ପୁଅ କହିଲା – ମତେ ମାଂସ ଝୋଳ ଦିଅ ମୁଁ ଖାଇବି । ସାତ ଭାଇ, ସାତ ଦିନ । ସାତ ଦିନ ବୁଢ଼ାବୁଢ଼ୀ ଉପାସ ରହିଲେ । ଶେଷକୁ ଠିକ୍ କଲେ ପୁଅମାନଙ୍କୁ ଜଙ୍ଗଲକୁ ତଡ଼ିଦେବେ ନ ହେଲେ ମଲାଯାଏ ଏମିତି ଉପାସ ରହୁଥିବେ । ବୁଢ଼ାବୁଢ଼ୀ ସେୟା କଲେ ।ମିଛ ସତ କହି ପୁଅମାନଙ୍କୁ ବଣକୁ ନେଲେ । ବଣରେ ସେମାନଙ୍କୁ ଛାଡ଼ିଦେଲେ । ଘରକୁ ଚାଲି ଆସିଲେ । ମନ ଖୁସିରେ ରହିଲେ । ଯେଉଁ କୁକୁଡା ଥିଲା ମାଂସ ବନେଇଲେ ।

ମନ୍ ଖୁସିୟେଁ ରହେଲା । ଯୋନ୍ କୁକ୍ଡା ରହୋଲା । ମାଁସ ବନାଏଲା ମାଁସ ଝୋଲ ବନାଏଲା । ବଡା ଖୁସିୟେଁ ଖାଏଲା । ବାକି ବୁର୍ରା ଭିତ୍ରେଁ ବେଟାଏସ୍ ମାନ୍ ଉପାସେଁ ରହେଲା । ଜନାଏକ୍ ଚୋ ପାଛେ ଜନାଏକ୍ ମଏର୍ଲା । ମର୍ତୋ ଘଡିକ ବଣ୍ଡା ବେଟାଏସ୍ ମାନ୍ କହେଲା । ହୁ-ହୁ-ହୁ ମରୁନ୍ ହୁଁନ୍ ବଣ୍ଡା ସାତ ଭାଇସ୍ ସାତ୍ ଠାନ୍ କୁରୁୱାଁ ହେଲା । ମାଁସ ଝୋଲ ଖାଁଉକେ ରାଏଁତେ ନିଗ୍ଲା । ଦିନ୍ ନେ ଲୁକୁନ୍ ଦେଲା । ହୁ-ହୁ ବଏଲା । ହୁଁନ୍ ଦିନ୍ଲେ ପୃଥିଏଁ କୁରୁୱା ଜନମ୍ ନେଲୋ ।



ମାଂସ ଝୋଳ ରାନ୍ଧିଲେ । ମହା ଆନନ୍ଦରେ ଖାଇଲେ ।  କିନ୍ତୁ ବଣ ଭିତରେ ପୁଅମାନେ ଉପାସ ରହିଲେ । ଜଣକ ପରେ ଜଣେ ମଲେ । ମଲାବେଳେ ବଣ୍ଡା ପୁଅମାନେ କହିଲେ - ହୁ - ହୁ - ହୁ । ମଲାପରେ ସେହି ବଣ୍ଡା ସାତଭାଇ ସାତଟି ପେଚା ହେଲେ । ମାଂସ ଝୋଳ ଖାଇବାକୁ ରାତିରେ ବାହାରିଲେ । ଦିନରେ ଲୁଚିଲେ । ହୁ- ହୁ ଡାକିଲେ  । ସେହିଦିନୁ ପୃଥିବୀରେ ପେଚା ଜନ୍ମ ହେଲେ ।

ପିଲାଙ୍କ କଥା

# କାଁକ୍ଡ଼ା ଜନମ (କଙ୍କଡ଼ା ଜନ୍ମ କଥା)

ଖୁବଯ଼ ଦିନ୍ ଚୋ ଗୋଏଠ୍ । ନୱ୍ୱା ପୁର୍ଥି ଚୋ ସିର୍ଜନା ହେହୁନ୍ ରହଏନେ । ପୃର୍ଥିଏଁ କାଁକ୍ଡ଼ା ନରହଏ । ପାଏନେ ସବ୍ ଜୀଉ ରହଏ । କାଁକ୍ଡ଼ା ନାହିଁ ରହିଁ । ଡ଼ୋଙ୍ଗର୍ ତିରେଁ କଗ୍ରାଏଁ ଗୋଟୋକ୍ ଗାଁଓ ରହେଲୋ । ଗାଓ୍ୱେଁ ଭୁଞ୍ଜିଆ ଲୋଗ୍ମାନ୍ ଜୀଓ୍ୱତ୍ ଖାତ୍ ରେହେଲା । ହୁନ୍ ଗାଁଓ୍ୱେଁ ଗୋଟୋକ୍ କୁମ୍ଭାର ରହତ୍ ରହେଲୋ । କୁମ୍ଭାର ସବ୍ଦିନ୍ ହାଣି ବନାଓ୍ୱାଏ । ବାକି ହୁନ୍ ହାଣ୍ଡିମାନ୍ କମ୍ଦିନେ ଫୁଟତ୍ ଯାଏ । ଖଟଏ ନାହିଁ । କୁମ୍ଭାର୍ ବଡ଼ାଏ ଚତୁର୍ । ହୁନ୍ ହାଣି କୁଣ୍ଡରୀ ଇସ୍ ବନାଓ୍ୱଏ ଯୋ, ଆଧାଦିନେ ହୁନାମାନ୍ ଫୁଟୁନ୍ ଯାଏ । ଗାଁଓଚୋ ଲୋଗ୍ କୁମ୍ଭାର ଉପରେ ରିସ୍ମି ହେହୁନ୍ ରହେଲା । ରାଏତ୍ ଦିନ୍ କୁମ୍ଭାର୍ ଘର୍ ଚୋ ଆଗିଲ ଏଁ ପୋହଁଚତ୍ ରହେଲା ।




ଅନେକ ଦିନ ତଳର କଥା । ନୂଆ ପୃଥିବୀ ତିଆରି ସରିଥିଲା । ପୃଥିବୀରେ କଙ୍କଡ଼ା ନ ଥିଲେ । ପାଣିରେ ସବୁ ଜୀବ ଥିଲେ । କଙ୍କଡ଼ା ନ ଥିଲେ । ପାହାଡ଼ ପାଖରେ ଗାଁଟିଏ ଥିଲା । ଗାଁରେ ଭୁଞ୍ଜିଆ ଲୋକ ରହୁଥିଲେ । ଗାଁରେ ଜଣେ କୁମ୍ଭାର ରହୁଥିଲେ । କୁମ୍ଭାର ନିତିଦିନ ଚକରେ ହାଣ୍ଡି ମାଠିଆ ଗଢୁଥିଲେ । କୁମ୍ଭାର ଭାରି ଚତୁର । ସେ ହାଣ୍ଡି ମାଠିଆ ଏପରି ଗଢୁଥିଲା ଯେ, ଅଳ୍ପଦିନ ଭିତରେ ସେଗୁଡ଼ିକ ଭାଙ୍ଗି ଯାଉଥିଲା । ଗାଁ ଲୋକେ କୁମ୍ଭାର ଉପରେ ରାଗୁଥିଲେ । ରାତି ଦିନ କୁମ୍ଭାର ଘର ଆଗରେ ପହଞ୍ଚୁଥିଲେ ।

କୁମ୍ଭାର ସେଙ୍ଗ୍ ଝଗଡ଼ା କରତ୍ ରହଏତ୍ । ଚଲାକ୍ କୁମ୍ଭାର ଲୋଗ୍ ମାନ୍ ଚୋ ସେଙ୍ଗ୍ ହୁସୟାର୍ ଏଁ ଗୋଏଠ୍ ବାତ୍ କରତ୍ ରହେଲା । ଭକୁଆ ବନାଓ୍ୱତ ରହେଲୋ । ଆପ୍‌ଲୁ ଭୂଲ୍ କେ ସ୍ୱୀକାର୍ ନାହିଁ କରତ ରହିଁ । ସବ୍‌କେ ଠଗ୍‌ତୋ ହା କୁମ୍ଭାର୍ ଚୋ ସବ୍ ଦିନିଆ ବୁତା ରହେଲୋ । ଠଗ୍‌ରା / ଅସତ୍‌ୟା କୁମ୍ଭାର ଚୋ ଅସତଏଁ ପଡୁନ୍ ଗାଁଓ ଚେ ଲୋଗ୍ ମାନ୍ ଠାଗ୍ ଠଗ୍ ହେତ୍ ରହେଲା । ଦିନାଏକ୍ ଚୋ ଗୋଏଠ୍ । ଗାଁଓଚ୍ ଲୋଗ୍ କୁମ୍ଭାର ଘର୍ କେ ଏଲା । କୁମ୍ଭାର୍ ଘର୍ ଭିତରେଁ ଲୁକୁନ୍ ଦେଲୋ । ଲୋଗ୍‌ମାନ୍ କୁମ୍ଭାର୍ କେ ଖୋଜୁନ୍ ଘିଡେ ଘିଁଚତ୍ ଭାଁଠାକେ ନିଁଗାଏଲା । ବନକ୍ କରୁନ୍ ମାର ଦେଲା । ବିଚ୍‌ରା ଠଗ୍ କୁମ୍ଭାର ହୁନ୍ ଦିନ୍ ହୁଁଥଏ ପୁଟ୍‌ଲେ ମରୁଁନ୍ ଦେଲୋ ।



କୁମ୍ଭାର ସହିତ ଝଗଡା କରୁଥିଲେ । ଚତୁର କୁମ୍ଭାର ଲୋକମାନଙ୍କ ସହିତ ଚତୁରତାର ସହିତ କଥା କହୁଥିଲା । ବୋକା ବନେଇ ଦେଉଥିଲା । ନିଜ ଭୁଲ୍ ସହଜରେ ମାନୁ ନଥିଲା । ସମସ୍ତଙ୍କୁ ଠକିବା ଥିଲା କୁମ୍ଭାରର ନିତିଦିନିଆ କାମ । ଠକ କୁମ୍ଭାରର ଠକାମିରେ ପଡ଼ି ଗାଁ ଲୋକେ ହଇରାଣ ହେଉଥିଲେ । ଦିନକର କଥା । ଗାଁ ଲୋକେ ଠକ କୁମ୍ଭାର ଘରକୁ ଆସିଲେ । କୁମ୍ଭାର ଘର ଭିତରେ ଲୁଚିଲା । ଲୋକମାନେ କୁମ୍ଭାରକୁ ପଦାକୁ ଟାଣି ଆଣିଲେ । ଭୀଷଣ ମାଡ଼ ଦେଲେ । ବିଚରା ଠକ କୁମ୍ଭାର ସେହିଦିନ ସେଠାରେ ଠକ୍‌କିନା ମରିଗଲା । ଗାଁ ଲୋକେ କୁମ୍ଭାରର ମଲାଦେହକୁ ନଇ କୂଳକୁ ନେଲେ ।


ଗାଁଓଚ୍‌ଲୋଗହୁନ୍ କୁମ୍ଭାର୍‌ଚୋ ମାଏର୍‌ଲୋ ମୁର୍ଦ୍ଧାକେ ନଏନ୍ଧ ଖଏଣ କେ ନେଲା । ହୁନ୍‌ମୁର୍ଦ୍ଧା କେ ନଏଁଦ ଚୋ ପାନିଏଁ ବୋହଲାଉନ୍ ଦେଲା । ହୁନଏ ଦିନ୍ ହୁନଏ ନେଙ୍ଗ କୁମ୍ଭାର ଚୋ ମଏରଲୋ ମୁର୍ଦ୍ଦା ଗୋଟୋକ କାଁକ୍‌ଡ଼ା ହେହୁନ୍ ଜନମ୍ ନେଲୋ । ହୁନ୍ ଦିନ୍ ଆଗିଲ୍ ଲେ ପାନିଏଁ କାଁକ୍‌ଡ଼ା ନାହିଁ ରହିଁ । କାଁକ୍‌ଡ଼ା କୁମ୍ଭାର ଖିଆଏଲ ଚଲାକ୍ ଆଉ ତର୍‌ବରିଆ ହେଲୋ । ଆଏଜ ଘଲାଏ ପାନି ଖଏଣଏଁ କାଁକଡ଼ା ଲୋଗମାନକେ ଦେଖୁନ୍ ଲୁକଏଦେ । ଆଗିଲ୍ କୁମ୍ଭାର ଗାଁଓଚୋ ଲୋଗ୍‌କେ ଦେଖୁନ୍ ଯିସଏ ଲୁକତ୍ ରହେଲୋ । କୁମ୍ଭାର ଚୋ ମଏରଲୋ ମୁର୍ଦ୍ଦାଲେ ଏକା କାଁକ୍‌ଡ଼ା ଚୋ ଜନମ୍ ନେହୁନ୍ ଆହେ ବଲୁନ ଭୂଞ୍ଜିଆ ଲୋଗ୍‌ମାନେ ୟୋ କହିନ୍ କହ୍‌ତେ ।



ମଲାଦେହକୁ ନଇ ପାଣିରେ ଭସାଇ ଦେଲେ । ସେହିଦିନ ସେହିଠାରେ କୁମ୍ଭାରର ମଲାଦେହ ଗୋଟାଏ କଙ୍କଡ଼ା ହୋଇ ଜନ୍ମ ନେଲା । ସେ ଦିନ ଯାଏ ପାଣିରେ କଙ୍କଡ଼ା ନଥିଲେ । କଙ୍କଡ଼ା କୁମ୍ଭାର ପରି ଚତୁର ଓ ତରବର ପ୍ରକୃତିର ହେଲା । ଆଜି ମଧ୍ୟ ପାଣି କୂଳରେ କଙ୍କଡ଼ା ଲୋକମାନଙ୍କୁ ଦେଖିଲେ ତରବର ହୋଇ ଚାଲିଯାଏ । ପାଣି ଭିତରେ ଲୁଚିଁ ରହେ । ସେଦିନ ଗାଁ ଲୋକଙ୍କୁ ଦେଖି କୁମ୍ଭାର ଘର ଭିତରେ ଯେପରି ଲୁଚି ରହିଥିଲା । କୁମ୍ଭାର ମଲା ଦେହରୁ ହିଁ କଙ୍କଡ଼ା ଜନ୍ମ ନେଇଛି ବୋଲି ଭୁଞ୍ଜିଆ ଭାଇମାନେ ଗପ କହିଥାନ୍ତି ।

# ମଙ୍ଗର୍ ଚୋ ଗୋଏଟ୍ (କୁମ୍ଭୀର କଥା)

ଖୁବଏ ଦିନ୍ ଖାଲେ ନଏନ୍ଦେ ଗୋଟକ୍ ବଦ୍‌ମାସ୍ ମଙ୍ଗର୍ ରହେଲୋ । ମଙ୍ଗର୍ ଚୋ ବଦ୍‌ମାସି ଏଁ ନଏନ୍ଦ୍ ତିର ଚୋ ଲୋଗ୍ ଡରୁନ୍ ଯାହୁଁ ରହେଲା । ହୁମାନ୍ ଯେଲକ୍ ବେରା ନଏନ୍ଦ୍ ତିର୍‌କେ ଏତ୍ ରହେଲା ମାନୁଷ୍ ଖୟା ମଙ୍ଗର୍ ହୁମାନ୍‌କେ ମାରୁନ୍ ଖାତ୍ ରହେଲୋ । ମଙ୍ଗର୍ ଚୋ ଡରାଓ୍ୱାଁଏଁ ସଭଏ ଡରୁନ୍ ଗଲା । ବଦ୍‌ମାସ୍ ମଙ୍ଗର୍ ଚୋ ଗୋଏଟ୍ ଭୀମସେନ୍ ଚୋ କାନେ ପଏଡ଼୍‌ଲୋ । ହୁନ୍ ମନେ ମନ୍ କିରିୟା କଏର୍‌ଲୋ – ବଦ୍‌ମାସ୍ ମଙ୍ଗର୍‌କେ ଜିସ୍ ହେଲେ ବି ମାରତିଁ । ଦିନାଏକ୍ ଭୀମ୍‌ସେନ୍ ନଏନ୍ଦ୍ ତିର୍‌କେ ଏଲୋ । ହୁନ୍ ଇତିକ୍ ମୁହାଁ ଧାନ ଆଏନ୍‌ଲୋ । ମଙ୍ଗର୍ ଭୀମ୍‌ସେନ୍‌କେ ଦେଖ୍‌ଲୋ । ମିଠ୍ ମିଠ୍ ଗୋଏଟ୍ ଗୋଠିଆଏଲୋ । ଭୀମସେନ୍‌କେ ବଏଲଲୋ – ମୁଇଁ ତୁମ୍‌କେ ନଏନ୍ଦ ପାର୍ କରୁନ୍ ଦେତିଁ ।



ଅନେକ ଦିନ ତଳେ ନଈରେ ଗୋଟିଏ ଦୁଷ୍ଟ କୁମ୍ଭୀର ଥିଲା । କୁମ୍ଭୀରର ଦୁଷ୍ଟାମିରେ ନଈକୂଳ ଲୋକେ ଭୟଭୀତ ହୋଇ ପଡ଼ିଥିଲେ । ସେମାନେ ଯେତେବେଳେ ନଈକୂଳକୁ ଆସୁଥିଲେ ମଣିଷଖିଆ କୁମ୍ଭୀର ସେମାନଙ୍କୁ ମାରି ଖାଉଥିଲା । କୁମ୍ଭୀରର ଆତଙ୍କରେ ସମସ୍ତେ ଆତଙ୍କିତ ହୋଇ ପଡ଼ିଥିଲେ । ଦୁଷ୍ଟ କୁମ୍ଭୀର କଥା ଭୀମସେନଙ୍କ କାନରେ ପଡ଼ିଲା । ସେ ମନେ ମନେ ଶପଥ କଲେ – ଦୁଷ୍ଟ କୁମ୍ଭୀରକୁ ଯେମିତି ହେଲେ ମାରିବେ । ଦିନେ ଭୀମସେନ ନଈ କୂଳକୁ ଆସିଲେ । ସେ କିଛି ଧାନ ଆଣିଥିଲେ । କୁମ୍ଭୀର ଭୀମସେନକୁ ଦେଖିଲା । ମିଠା ମିଠା କଥା କହିଲା । ଭୀମସେନକୁ କହିଲା – ମୁଁ ତମକୁ ନଈ ପାର କରିଦେବି । ତୁମେ ମୋ ପିଠି ଉପରେ ବସ । ତୁମକୁ ମୁଁ ନଈ ପାଣି ଉପରେ ଭସାଇ ନେବି । ନଈ ପାରି କରିଦେବି ।

ତୁମ୍ହି ମାଚୋ ପାଏଠ୍ ଉପ୍ରେଁ ବସା । ନଏନ୍ଦ୍ ଚୋ ପାନି ଉପ୍ରେ ଉପ୍ଲାଉନ୍ ନେତିଁ । ନଏନ୍ଦ ପାର୍ କରୁନ୍ ଦେତିଁ । ଭୀମସେନ୍ ବନ୍ଦ୍‌ମାସ୍ ମଙ୍ଗର୍ ଚୋ ବଦ୍‌ମାସୀ ଗୋଏଟ୍‌କେ ଶୁଇନ୍ ଲୋ । ମନେ ମନ୍ ହାଇଁସ୍‌ଲୋ ତାହାଁଲେ ମଙ୍ଗର୍‌କେ ବଇଲ୍‌ଲୋ – ତୁଇଁ ମାଚୋ ଧାନ୍ ନେହେଁଙ୍ଗ୍‌ଲେ ଲହଁକାଉନ୍ ଦେତିସ୍ । ତାହାଁଲେ ମୋକେ ନେତିସ୍ । ମଙ୍ଗର୍ ହୁଁସଏ କଏର୍‌ଲୋ । ଧାନ ନେହେଁଙ୍ଗ୍‌ଲେ ନଏନ୍ଦ୍ ପାର୍ କରୁନ୍ ଦେଲୋ । ଫିରୁନ୍ ଏଲୋ । ଭୀମସେନ୍ କେ ବଏଲ୍‌ଲୋ ମାଚ୍ ପାଏଠ୍ ଉପରେଁ ବସା । ଭୀମ୍‌ସେନ୍ ମଙ୍ଗର ଚୋ ପାଏଠେଁ ବଇସଲୋ । ମଙ୍ଗର୍ ନଏନ୍ଦ ଚୋ ପାଏନେ ଉପ୍‌ଏଲ୍ ଲୋ । ଉପ୍ଲତ୍ ଉପଲତ୍ ଆଗିଲ୍‌କେ ଗୋଲୋ । ମନେ ମନ୍ ଭାବତ୍ ରହେଲୋ – ଭୀମସେନ କେ କିସୋ ମାର୍‌ତି ?



ଭୀମସେନ ଦୁଷ୍ଟ କୁମ୍ଭୀରର ଦୁଷ୍ଟାମି କଥା ଶୁଣିଲେ । ମନେ ମନେ ହସିଲେ । ତା ପରେ କୁମ୍ଭୀରକୁ କହିଲେ – ତୁ ମୋ ଧାନତକ ଆର ପାରିକୁ ନେଇ ଯା । ତା' ପରେ ମୋତେ ନେବୁ । କୁମ୍ଭୀର ସେୟା କଲା । ଧାନତକ ନଇ ସେପାରିରେ ରଖିଲା । ଫେରି ଆସିଲା । ଭୀମସେନକୁ କହିଲା – ମୋ ପିଠି ଉପରେ ବସ । ଭୀମସେନ କୁମ୍ଭୀର ପିଠିରେ ବସିଲେ । କୁମ୍ଭୀର ନଇ ପାଣିରେ ଭାସିଲା । ଭାସି ଭାସି ଆଗକୁ ଚାଲିଲା । ମନେ ମନେ ଭାବୁଥିଲା – ଭୀମସେନକୁ କିପରି ମାରିବି ? ଭୀମସେନ ସବୁ କଥା ଜାଣି ପାରିଲେ । ତାଙ୍କ ପାଖରେ ଗୋଟିଏ ଦାଢୁଆ ଛୁରି ଥିଲା । ସେ କୁମ୍ଭୀର ଆକ୍ରମଣକୁ ହୁସିଆର ହୋଇ ରହିଲେ ।


**ଭୀମସେନ୍ ସଭଏ ଗୋଏଟ୍‌କେ ଜାନତ୍ ରହଏ । ହୁନାଚ୍ ନେହେଙ୍ଗ୍ ଗୋଟକ୍ ଧାର୍ ମୁହାଁ କର୍‌ରୀ ରହେଲୋ । ହୁନ୍ ମଙ୍ଗର୍ ମାରତୋ ବଲୁନ୍ ହୁସିଆର୍ ହେଉନ୍ ରହଏ । ମଙ୍ଗର୍ ହୁନାକେ ମାରୁକେ ଆରମ୍ଭ କଏର୍‌ଲୋ । ଭୀମସେନ୍ ଧାର୍ କର୍‌ରୀ କେ ନିଙ୍ଗାଏଲୋ ଆଉ ମଙ୍ଗର୍ ଚୋ ଲାମ୍ ଜିଭ୍ କେ କାଟୁନ୍ ପକାଏଲୋ । ପୋଟ୍‌ଲା କେ କର୍‌ରୀ ଏଁ ଚିରୁନ୍ ଦେଲୋ । ବଦ୍‌ମାସ୍ ମଙ୍ଗର୍ ଚୋ ବଦମାସ୍ ଲହୁଏଁ ନଏଁନ୍ଦ୍ ଚୋ ପାନି ଲାଲେ ଲାଲ୍ ହେଉନ୍ ଗୋଲୋ । ହୁନ୍ ଦିନ୍‌ଲେ ମଙ୍ଗରଚୋ ଜିଭ୍ ଇଲକି ହେଉନ୍ ଗୋଲୋ । ମଙ୍ଗ୍‌ର୍ ଥୁନେ ମଏର୍ ଲୋ, ଆମକେ ବଢ଼ିଆ ଶିକ୍ଷା ଗୋଟକ ଦେଲୋ । ଅଲଗାଚୋ ଅମଙ୍ଗଲ୍ ଗୋଏଟ୍ ହେତାଏଲେ ଆମ୍‌ଚୋ ଏକା ଅମଙ୍ଗଲ ହେଇଦେ । ହୁନେ ସେତି ସଭଏ କେ ବଢ଼ିଆ ବଲତାଏସ୍ ।**



କୁମ୍ଭୀର ତାଙ୍କୁ ମାରିବାକୁ ଆରମ୍ଭ କଲା । ଭୀମସେନ ଦାନ୍ତୁଆ ଛୁରୀ ବାହାର କଲେ । କୁମ୍ଭୀରର ଲମ୍ବା ଜିଭକୁ କାଟି ପକାଇଲେ । ପେଟକୁ ଛୁରୀ ଦ୍ୱାରା ଚିରିଦେଲେ । ଦୁଷ୍ଟ କୁମ୍ଭୀରର ଦୁଷ୍ଟ ରକ୍ତରେ ନଈ ପାଣି ଲାଲେଲାଲ ହୋଇଗଲା । ସେହିଦିନଠାରୁ କୁମ୍ଭୀର ଜିଭ ସାନ ହୋଇଗଲା । ଦୁଷ୍ଟ କୁମ୍ଭୀର ଉଚିତ୍ ଶିକ୍ଷା ପାଇଲା । କୁମ୍ଭୀର ସିନା ମଲା, ଆମକୁ ମହା ଶିକ୍ଷାଟିଏ ଦେଲା । ଅନ୍ୟର ଅମଙ୍ଗଳ କଥା ଚିନ୍ତା କଲେ ଆମର ହିଁ ଅମଙ୍ଗଳ ହୁଏ । ତେଣୁ ସମସ୍ତଙ୍କୁ ଭଲ ପାଇବା ଉଚିତ୍ ।


# ମେଙ୍ଗ୍ ଜନମ୍ ଗୋଏଟ୍ (ବେଙ୍ଗ ଜନ୍ମ କଥା)

ଡୋଙ୍ଗୋର୍ ଠାଓ୍ବେଁ ଗାଓ୍ବଁ ଗୋଟକ୍ । ଗାଓ୍ବେଁ ପଚାଶ୍ ଠାନ୍ ଘର୍ । ଗାଓ୍ବଁ ଚୋ ନାଓ ମେମର୍ ପାଡ଼ା । ବନ୍ ଭିତ୍‌ରେଁ ହୁମାନ୍ ଚୋ ଜନମ୍ । ଗାଓ୍ବଁ ଚୋ ଶିଆନ୍‌କେ ନାଏକ୍ ବଲେ ଜାଏଦେ । ମେମର୍ ପାଡା ଚୋ ନାଏକ୍ ବଡ଼େ ମାହାଜନ୍ । ଧାନ୍ ଚାଉର୍ ଲୋଗ୍ ଜନ୍ ଗାୟ ଗୋରୁ ଛେରୀ ମେଢ଼ା ହୁମାନ୍ ନେଘଂ ଖୁବଏ । ଖାତୋ ପିତୋ ହାରା ଅଭାବ୍ ନାହିଁ ରହିଁ । ନାଏକ୍ ଚୋ ଘରେଁ ଏକୋଇଶ୍‌ଠାନ୍ ଭଇଁଷ୍ ରହେଲି । ସଭଏ ଭଇଁଷ୍ ଦୁହା ରହେଲି । ଖୁବଏ ଗୋରସ୍ ଦେୟ୍ । ଦୁଇଠାନ୍ ରାଉତ ଭଇଁଷ୍ ମାନ୍‌କେ ବିହିନ୍‌ୟାଏଁ ଆଉ ସାଞ୍ଜେଁ ଦୁହତେ୍ । ଗୋରସ୍ ବେଁଚୁନ୍ ନାଏକ୍ ଖୁବଏ ପଇସା ଲାହାଏ୍ । ମଞ୍ଜା ମଞ୍ଜାଲିସେଁ ଚଲଏତ୍ । ଅଭାବ୍ ହେତୋହାରା କେ ଜାନତ୍ ନାହିଁ ରହିଁ ।



ଢ଼େଉ ଢ଼େଉକା ପାହାଡ଼ । ପାହାଡ଼ ପାଖରେ ଗାଁଟିଏ । ଗାଁରେ ପଚାଶ ଖଣ୍ଡେ ଘର । ଗାଁର ନାମ ମେମେରପଡ଼ା । ବଣ ମୁଲକରେ ସେମାନେ ଜନ୍ମ । ବଣ ମୁଲକରେ ଜୀବନ । ତା' ପରେ ମରଣ । ଗାଁ ମୁଖିଆକୁ ନାୟକ କୁହାଯାଏ । ମେମେରପଡ଼ାର ନାୟକ ଭାରି ଧନୀ । ଧନ ଜନ ଗୋପ ଲକ୍ଷ୍ମୀରେ ପରିପୂର୍ଣ୍ଣ । ତାଙ୍କ ଘରେ ଗାଈ ଗୋରୁ ଛେଳି ମେଣ୍ଢା ବହୁତ । ଧାନ କାନ୍ଦୁଲର ଅଭାବ ନ ଥାଏ । ନାୟକଙ୍କ ଘରେ ଏକୋଇଶିଟି ମଇଁଷି ଥିଲେ । ସବୁଗୁଡିକ ଦୁହାଁଳିଆ । ବହୁତ କ୍ଷୀର ଦିଅନ୍ତି । ଦୁଇ ଜଣ ଗଉଡ଼ ମଇଁଷିମାନଙ୍କୁ ସକାଳ ଓ ସନ୍ଧ୍ୟାରେ ଦୁହିଁଥାନ୍ତି ।

ବଡ଼କା ଭଇଁଷ୍‌କେ ଦୁହତ୍ ରହଏତ୍ । ଭଇଁଷ୍ ଆଗିଲେଁ ବନ୍ ଇତିକ୍ ରହଏ । ଭଇଁଷ୍ ବନକେ ଖାତ୍ ରହଏ । ପଗଲାଓ୍ୱତ୍ ରହଏ । ଖାତ୍ ରହେଲି ବନ୍ ଟୋଣ୍‌ଲେ ଇତିକ୍ ମୁହାଁ ଖାଲେ ଗିର୍‌ଲୋ । ହୁଲ୍‌କ ବେରା ଭଇଁଷ୍ ପିଷାବ୍ କଏରଲି । ଭଇଁଷ୍ ମୁତେଁ ଆଧା ଖାତ୍ ରହେଲି ହାରା ବୁଡୁନ୍ ଗୋଲୋ । ହଟାଏକ୍‌ଲେ ହୁନଏ ବନ୍ ନାହାଁକାଏଁ ଗୋଟକ୍ ସୁନ୍ଦର୍ ମୁହାଁ ମେଙ୍ଗ୍ ଜନମ୍ ନେଲୋ । ହୁନ୍ ଦିନ୍ ଟୋ ଆଗିଲ୍‌ଲେ ୟୋ ପୃର୍ଥିଏଁ ମେଙ୍ଗ ନାହିଁ ରହିଁ । ପୃର୍ଥିଏଁ ସଭଏ ଜୀଓ୍ୱ ରହେଲା । ବାକି ମେଙ୍ଗ୍ ନାହିଁ ରହିଁ । ମେଙ୍ଗ୍‌ମାନେ ଗାଗତ୍ ନାହିଁ ରହିଁ । ମେଙ୍ଗ୍ ଭସିଆଟୋ ହାରା କେ ନୁସୁଇନ୍‌ଲେ ପାନି ଏତ୍ ନାହିଁ ରହିଁ ।



କ୍ଷୀର ବିକ୍ରି କରି ନାଏକ ବହୁତ ପଇସା ପାଇଥାନ୍ତି । ମଉଜ ମଜଲିସରେ ଚଳନ୍ତି । ଅଭାବ ଅନାଟନ ଜଣା ପନେ ନାହିଁ । ବଡ ମଇଁଷି ଦୁହାଁ ହେଉଥାଏ । ଜଣେ ଗଉଡ଼ ତାକୁ ଦୁହୁଁଥାନ୍ତି । ମଇଁଷି ଆଗରେ କିଛି ଘାସ ପଡ଼ିଥାଏ । ମଇଁଷି ଘାସ ଖାଉଥାଏ । ପାକୁଳି କରୁଥାଏ । କିଛି ଘାସ ମଇଁଷି ପାଟିରୁ ତଳେ ଖସିପଡ଼ିଲା । ଏତିକିବେଳେ ମଇଁଷି ପରିସ୍ରା କଲା । ମଇଁଷି ମୂତ୍ରରେ ଅଧାଖିଆ ଘାସ ଭାସିଗଲା । ହଠାତ୍ ସେହି ଘାସରୁ ହିଁ ଗୋଟିଏ ସୁନ୍ଦର ବେଙ୍ଗ ଜନ୍ମ ନେଲା । ସେଦିନ ଯାଏଁ ପୃଥିବୀରେ ବେଙ୍ଗ ନଥିଲେ ।

ପିଲାଙ୍କ କଥା

ନାଏକ୍ ଚୋ ବଡ଼କା ଭଇଁଷ୍ ଚୋ ପିସାପ୍‌ଲେ ମେଙ୍ଗ୍ ଜନମ୍ ନେଲୋ । ଡେଗ୍‌ୱେତ୍ ଡେଗ୍‌ୱେତ୍ ପୋଖ୍‌ନା ଚିପାକେ ପଲୁନ୍ ଗୋଲୋ ଆଉ ଲୁକୁନ୍ ରହେଲୋ । ପାନି ଦିନ ଏଲୋ ତାଁହେଲେ ମେଙ୍ଗ୍ ଭଁସିଆଏଲି । ମେଙ୍ଗ୍ ଭଁସିଆତୋ ହାରାକେ ଶୁନୁନ୍ ଜୋର୍‌ଦାର୍ ପାନି ଏଲୋ । ଇନ୍ଦର୍ ଦେଓ୍ୱଚୋ ହୁନ୍ ଦିନ୍‌ଲେ ନିନ୍ଦ ଫାଁକୁନ୍ ନାହିଁ ରହିଁ । ମେଙ୍ଗ୍ ଉଁସିଆତାକେ ହୁନାଚୋ ନିନ୍ଦ୍ ଫାଁକୁନ୍ ଗୋଲୋ । ଇନ୍ଦର୍ ଦେଓ ଚୋ ମନେଁ ଦୟା ଏଲୋ । ହୁନ୍ ପାନି କେ ହଁଖାଏର୍‌ଲୋ । ଘାମ୍ ଦିନ୍ ଗୋଲୋ ଆଉ ପାନି ଦିନ୍ ଏଲୋ । ବାଦର୍‌ରେଁ ପାନି ଗରଏଜ୍‌ଲୋ । ପୋଖ୍‌ନା ଚିପାଏଁ ମେଙ୍ଗ ଭଁସିଆଏଲି । ପାନି କଗରାଏଁ ବି ମେଙ୍ଗ୍ ଉଁସିଆଏଲି । ହୁନ୍ ଦିନ୍ ଲେ ୟୋ ପୃର୍ଥିଏଁ ମେଙ୍ଗ ଜନମ୍ ନେଲୋ ।



ପୃଥିବୀରେ ସବୁତକ ଜୀବ ଥିଲେ । ବେଙ୍ଗ ନଥିଲା । ବେଙ୍ଗମାନେ ବୋବାଉ ନଥିଲେ । ବେଙ୍ଗ ରଡ଼ି ନ ଶୁଣିଲେ ବର୍ଷା ହେଉ ନଥିଲା । ନାଏକଙ୍କ ବଡ଼ ମଇଁଷି ପରିସ୍ରାରୁ ବେଙ୍ଗ ଜନ୍ମ ନେଲା । ଡେଇଁ ଡେଇଁ ପଥର ସନ୍ଧିକୁ ଚାଲିଗଲା । ଲୁଚି ରହିଲା । ବର୍ଷାଦିନ ଆସିଲା ବେଙ୍ଗ ରଡ଼ି କଲା । ବେଙ୍ଗ ରଡ଼ି ଶୁଣି ପୃଥିବୀରେ ଭୀଷଣ ବର୍ଷା ହେଲା । ଇନ୍ଦ୍ର ଦେବତାଙ୍କ ସେଦିନଯାଏ ନିଦ ଭାଙ୍ଗି ନଥାଏ । ବେଙ୍ଗ ରଡ଼ି ତାଙ୍କ ନିଦ ଭାଙ୍ଗି ଦେଲା । ଇନ୍ଦ୍ର ଦେବତାଙ୍କ ମନରେ ଦୟା ଆସିଲା । ସେ ବର୍ଷା କଲେ । ଖରାଦିନ ଗଲା । ବର୍ଷାଦିନ ଆସିଲା । ଆକାଶରେ ମେଘ ଭାସିଲା । ପଥର ସନ୍ଧିରେ ବେଙ୍ଗ ରଡ଼ିଲା । ପାଣି କୂଳରେ ବେଙ୍ଗ ରଡ଼ି କଲେ । ସେହିଦିନଠାରୁ ପୃଥିବୀରେ ବେଙ୍ଗମାନେ ଜନ୍ମ ନେଲେ ।

# କୋଗ୍ ଚୋ ଜନମ (ବଲିଆ କୁକୁର ଜନ୍ମ କଥା)

ବନ ରାଏଜ ଚୋ ଗୋଏଟ୍ ଗୋଟକ୍ ।ହୁତକ୍ ଦିନ୍ ବୁର୍ହାଏଁ ସଭଏ ଜୀଓ୍ୱ ନାହିଁ ରହିଁ । ବଡ଼େ ବଲଓ୍ୱାନ୍ ବାଗ୍ ଆଉ ବଡ଼େ ଚତୁର୍ କୋଗ୍ ନାହିଁ ରହିଁ । ବଡ଼େ ବଲଓ୍ୱାନକେ ସଭୟ ଡରତ୍ ରହେଲୋ ବାକି ବଡ଼େ ବଲଓ୍ୱାନ୍ ଚତୁର୍ କୋଗ୍ କେ ଡରଏ । ଡରୁନ୍ ମରୁନ୍ ଧୁଇର୍‌କେ ପଲଏ । ବଡ଼େ ବଲଓ୍ୱାନ୍ ବାଗ୍ ଆଉ ଚତୁର୍ କୋଗ୍ ଦୁଇଝାନ୍ ଭିତରେଁ କୋଗ୍ କେ ବାଗ୍ ଡରଏ । ଖୁବଏ ଦିନ୍ ଆଗିଲେଁ ମାହାଦେଓ ଆଉ ପାର୍ବତୀ ସେଙ୍ଗ୍ ଗୋଟୋକ୍ ଝଗଡ଼ା ହେଲୋ । ମାହାଦେଓ ରିଷ୍‌ହେଲୋ । ଘର୍ ଛାଣୁନ୍ ବନ୍‌କେ ପୋଲୁନ ଗୋଲୋ । ପାର୍ବତୀ ଘଲାଏକ୍ ରିଷ୍ କରୁନ୍‌ରହେଲି । ମାହାଦେଓକେ ହଁଖ୍‌ରାଇଁ ନାହିଁ ଆପନ୍ ଆପନ୍ ଧୁଏଁରେ ଧୁଏଁରେ ରହେଲା ।



ବଣ ରାଇଜର କଥାଟିଏ । ସେତେବେଳେ ବଣରେ ସବୁ ଜୀବ ଥିଲେ । ମହାବଳ ବାଘ ଓ ବଳିଆ କୁକୁର ଥିଲେ । ମହାବଳକୁ ସମସ୍ତେ ଡରିଥାନ୍ତି କିନ୍ତୁ ମହାବଳ ବଳିଆ କୁକୁରକୁ ଡରେ । ଡରି ମରି ଦୂରକୁ ପଳାଏ । ମହାବଳ ବାଘ ଓ ବଳିଆ କୁକୁର ପରସ୍ପରର ଶତ୍ରୁ ।ଅନେକ ଦିନ ତଳେ ମହଦେବ ଓ ଦେବୀ ପାର୍ବତୀଙ୍କ ଭିତରେ କଳି ହେଲା । ମହାଦେବ ରାଗିଲେ । ଘରଛାଡ଼ି ବଣକୁ ଚାଲିଗଲେ । ଦେବୀ ପାର୍ବତୀ ମଧ୍ୟ ରାଗିଥିଲେ । ମହାଦେବଙ୍କୁ ଡାକିଲେ ନାହିଁ ।

ସବଟୋ ମନେ ଦୁଃଖ ରହେଏ ଆଉ ସବଟୋ ମନେ ଶୋକ୍ ରହେଏ । ମନ୍ ଭିତରେଁ କୋହ୍ ରହେଏ । ଆଁଖିଏଁ ଆଁଶୁ । ମାତା ପାର୍ବତୀ ମନେ ମନ୍ ଭାଏବ୍ଲି - ମାହାଦେଓକେ ଜିସ୍କରୁନ୍ବି ବନ୍ଲେ ଫିରାଉନ୍ ଆନ୍ତ । ହୁନ୍ ଆପଲୁ ଗାଗଡ଼୍ ଟୋ ମଇଲ୍କେ ମନ୍ତର୍ ମାରୁନ୍ ବଡ଼େ ବଲଓ୍ୱାନ ବାଗ୍ ବନାଏଲିଁ । ହୁନ୍ ବାଘକେ ଦେଖୁନ ସଭଏ ଡ଼ରତ୍ ରହେଲା । ପାର୍ବତୀ ମାହାଦେଓକେ ଡରାତୋ କାଯେ ପଠାଏଲି । ବାଗ୍ ବନ୍କେ ପଲୁନ୍ ଗୋଲୋ । ମାହାଦେଓ ଜୋନ୍ନେଇଁ ରହେଲୋ ବାଘ ହୁଥିଁକେ ଯାହୁନ୍ ଗରଏଜ୍ଲୋ ।



ପରସ୍ପର ଠାରୁ ଦୂରେଇ ରହିଲେ । ସଭିଙ୍କ ମନରେ ଦୁଃଖ । ସଭିଙ୍କ ମନରେ ଶୋକ । ହୃଦୟରେ କୋହ । ଆଖିରେ ଲୁହ । ମାଆ ପାର୍ବତୀ ମନେ ମନେ ଠିକ୍ କଲେ ମହାଦେବଙ୍କୁ ବଣରୁ ଫେରାଇ ଆଣିବେ । ସେ ନିଜ ହାତରୁ କିଛି ମଳି ବାହାର କଲେ । କିଛି ମନ୍ତ୍ର ବୋଲିଲେ, ଫୁଙ୍କିଦେଲେ । ସେହି ମଳିରୁ ସୃଷ୍ଟି ହେଲା ମହାବଳ । ଭୟଙ୍କର ବାଘକୁ ଦେଖି ସମସ୍ତେ ଭୟରେ ଥରିଲେ । ବାଘ ବଣକୁ ଚାଲିଗଲା । ମହାଦେବ ଯେଉଁ ଯାଗାରେ ଥିଲେ ସେଠାରେ ଗର୍ଜନ କଲା ।

ବାଘ୍‌ଟୋ ଗର୍‌ଜେନ୍‌କେ ସୁନୁନ୍ ମାହାଦେଓ ହାଏଁସ୍‌ଲୋ । ମନେ ମନ୍ ସବ୍ ଗୋଏଟ୍‌କେ ହେତାଏଲୋ । ମାତା ପାର୍ବତୀକେ ସୁର୍‌ତା କରେଲୋ । ମହାଦେଓ ଝିଟ୍‌କା ଗୋଟକ୍‌କେ ରମ୍‌ଥୁନ୍ ଗୁଣ୍ କଏରଲୋ ଆଉ ମନ୍‌ତର ଫୁକୁନ୍ ଭୁଇଏଁ ପୋକାଏଲା । ହୁନେଚ୍‌ଲେ ଖୁବଏ କୋଗ୍ ଜନମ୍ ନେଲୋ । ତିସ୍‌କୋଲି ଦାଁତ୍, ସୁଜ୍‌ଗି ନଖେଁ ବଡ଼େ ବଲଓ୍ୱାନ୍ ବାଗ୍‌କେ ଚାବା ଚାବା ଅର୍‌ଫୁନ୍ ପୋକାଏଲା । ବାଘ ଜୀଉ ଟୋ ଡରେ ଡରତ୍ ମରତ୍ ବନ୍‌କେ ପଲୁନ୍ ଗୋଲୋ । କୋଗ୍‌ମାନ୍ ମାତା ପାର୍ବତୀ ନେଙ୍ଗ୍ ଯାହୁନ୍ ଶରନ୍ ପଏଡ୍‌ଲା । ପାର୍ବତୀ ଜାଏନ୍‌ଲି - ୟାହା ହେଲେ ମାହାଦେଓ ଟୋ ଭୁର୍‌କୁଟି ହୁନ୍ । ମାଚ୍ ବାଗ୍‌କେ ଇମ୍‌ହାନେ ଡରାଉନ୍ ଏଥାକେ ଏଲା ।



ବାଘ ଗର୍ଜନ ଶୁଣି ମହାଦେବ ହସିଲେ । ମନେ ମନେ ସବୁକଥା ହେଜିଲେ । ଦେବୀ ପାର୍ବତୀଙ୍କୁ ମନେ ପକାଇଲେ । ମହାଦେବ କିଛି କାଠଗୁଣ୍ଡ ଧରିଲେ । ମନ୍ତ୍ର ଫୁଙ୍କିଲେ । ତଳେ ପକାଇ ଦେଲେ । ସେହି କାଠ ଗୁଣ୍ଡରୁ ସୃଷ୍ଟି ହେଲେ – ଗୁଡ଼ିଏ ବଳିଆ କୁକୁର । ମୁନିଆ ଦାନ୍ତ, ମୁନିଆ ନଖ ମହାବଳକୁ କାମୁଡ଼ି ରାମ୍ପୁଡ଼ି ପକାଇଲେ । ମହାବଳ ପ୍ରାଣ ଭୟରେ ଡରି ମରି ବଣକୁ ପଳାଇ ଗଲା । ମାଆ ପାର୍ବତୀଙ୍କ ପାଖରେ ଶରଣ ପଶିଲା । ଦେବୀ ପାର୍ବତୀ ଜାଣିଲେ ଏହା ମହାଦେବଙ୍କ ଦୁଷ୍ଟାମୀ ଏଠାକୁ ଆସି ବାଘକୁ ଡରାଉଛନ୍ତି ।


ଆପ୍‌ଲୁ ବାଗ୍ ହୁନ୍‌ଘଡ଼ିକ୍ ପାଏଟ୍ ବାହୁଁକ୍ ଲୁକୁନ୍ ରହଏ । ପାର୍ବତୀ ରାନ୍ଧା ହାଁଣିକେ ମାଞ୍ଜତ୍ ରହଏ । ହୁନ୍ କୋଗ୍ ମାନ୍ ପାର୍ବତୀ ନେଙ୍ଗ ଶରନ୍ ପଡ଼ତାକେ ଆର୍ଶିର୍ବାଦ୍ ଦେଲି ଘଡିକ୍ ହାଁଥେ ରହେଲୋ ହାଣି ମୋଏଷ୍ କୋଗ୍ ଚୋ ଟୋଣେ ଟୋଣେ ମାଏଖ୍‌ଲୋ । ହୁଁନ୍ ଦିନ୍‌ଲେ କୋଗ୍ ଚୋ ଟୋଣ କାଲିଆ ହେଲୋ । ଆଦିବାସୀ ବାଗ୍ ଆଉ କୋଗ୍ କେ ପୂଜା କରତେ । କାଏଁକାଯେ ହୁମାନ୍ ମାହାଦେଓ ଆଉ ପାର୍ବତୀ ନେଙ୍ଗଲେ ଜନମ୍ ନେଲା । ହୁନ୍ ଦିନ୍‌ଲେ ୟୋ ପିର୍ଥିଏଁ ବାଗ୍ ଆଉ କୋଗ୍ ରହେଲା । ଏଭିଁତକ୍ ଆହେତ୍ । ବନ୍ ଜଙ୍ଗଲଏଁ ହୁମାନେ ରାଏଜ୍ କରତ୍ ଆହେତ୍ ।



ଦେବୀ ପାର୍ବତୀ ସେତେବେଳେ ହାଣ୍ଡି ମାଜୁଥିଲେ । ହାଣ୍ଡିରେ ଲାଗିଥିବା କଳା ସଫା କରୁଥିଲେ । ମହାବଳ ମାଆ ପାର୍ବତୀଙ୍କ ପଛପଟେ ଲୁଚିଗଲା । ବଳିଆ କୁକୁର ସେହିଠାରେ ରହିଗଲେ । ମାଆ ପାର୍ବତୀ କୁକୁରଙ୍କ ମୁହଁରେ କଳା ହାତ ବୋଳିଦେଲେ । ସେହିଦିନଠାରୁ କୁକୁରମାନଙ୍କ ମୁହଁ କଳା ହେଲା । ଆଦିବାସୀମାନେ ବାଘ ଓ କୁକୁରକୁ ପୂଜା କରିଥାନ୍ତି । କାରଣ ସେମାନେ ଶିବ ପାର୍ବତୀଙ୍କ ଦ୍ୱାରା ଜନ୍ମ ନେଇଛନ୍ତି । ସେହିଦିନଠାରୁ ପୃଥିବୀରେ ମହାବଳ ବାଘ ଓ ବଳିଆ କୁକୁର ରହିଲେ । ଆଜିଯାଏ ରହିଛନ୍ତି । ବଣ ଭିତରେ ସେମାନଙ୍କ ରାଜୁତି ଚାଲିଛି ।

# ଜଲୁ କିସୋ ହେଲୋ (ଜୋକ ଜନ୍ମ କଥା)

ବଡ଼ାୟ ଦିନ ଟୋ ଆଗିଲେଁ ମାହାଦେଓ ଟୋ ନେଇଙ୍ ଗୋଟକ କୀଓକ୍ ରାଜା ରହତ ରହେଲୋ । ଯତନ କରତ୍ ରହେଲୋ । ରାଜା ଟୋ ବୁତା କାମ ବନକ କରତ୍ ରହଏ । ହୁନାଟୋ ଗୁନ ଘଲାଏକ୍ ବନକ୍ ରହେଲୋ । ମାହାଦେଓ କୀଚକ୍ ରାଜାକେ ସଭ୍‌ଘଡ଼ିକ୍ ଆଶିଷ ଦେତ ରହେଲା । ହୁନାକେ ଖୁବଏ ତାକ୍‌ତ୍ ଦେହୁଁର ହେଲା । ମାହାଦେଓ ଟୋ ତାକତ୍ ତେଁ କୀଚକ୍ ରାଜା ବଲୱାନ୍ ହେଲୋ । ହୁନ କାହାକୟ ମାନତ୍ ନାହିଁ ରହିଁ । ସଂସାରକେ ସରା ମାଏନଲୋ । ସଭୟକେ ବେଖାତିର କଏରଲେ । ଲୈକ୍‌ପିଲି ମାନକେ ହିନିସ୍ଥା କଏରଲୋ । ନୋନି ଲୋଗ୍ ମାନ୍‌କେ ଜିଓ୍ୱେ ନସୁହାଏଲୋ ମୁହାଁ ଗୋଏଟ ଗୋଠ୍ୟାଏଲୋ ।



ବହୁଦିନ ତଳେ ମହାଦେବଙ୍କ ପାଖରେ ଜଣେ କୀଚକ ରହୁଥିଲେ । ସେବା କରୁଥିଲେ । କୀଚକ ମହାଦେବଙ୍କୁ ସନ୍ତୁଷ୍ଟ କରି ରଖିଥିଲା । କୀଚକର କାମ ଦାମ ବେଶ୍ ସୁନ୍ଦର ଥିଲା । ତା'ର ବ୍ୟବହାର ମଧ୍ୟ ଖୁବ୍ ସୁନ୍ଦର ଥିଲା । ମହାଦେବ କୀଚକକୁ ସଦାସର୍ବଦା ଆର୍ଶିବାଦ କରୁଥିଲେ । ତାକୁ ବହୁତ ବଳ ଦେଇଥିଲେ । ମହାଦେବଙ୍କ ବଳରେ କୀଚକ ବଳିୟାନ ହେଲା । ସେ କାହାକୁ ମାନିଲା ନାହିଁ । ଧରାକୁ ସରା ମଣିଲା । ସମସ୍ତଙ୍କୁ ବେଖାତିର୍ କଲା । ଝିଅମାନଙ୍କୁ ଅପମାନ ଦେଲା । ସ୍ତ୍ରୀ ଲୋକମାନଙ୍କୁ କଟୁକଥା କହିଲା ।

କୀଚକ ରାଜାଟୋ ଡରେଁ ସଭୟ୍ ଟାଟି କପାଟ୍ ଦେଲା । ଘରେ ରହେଲା । ଭୋଗୱାନ୍ ସବ୍ ଗୋଏଠ୍‌କେ ସହଏଦେ । ମାନୁଷ୍‌ଟୋ ଗରବ୍‌କେ ସହୟ ନାହିଁ । ଜିୱେଁ ନସୁହାଏଲୋ ହାକେ ଘଲାଏକ ସତ୍ କରତ୍ ନାହିଁ ରହିଁ । ଭୀମସେନ ଟୋ କାନେ କୀଚକ ରାଜାଟୋ ଗରଭି ଗୋଏଠ୍ ପଏଡ଼ଲୋ । ହୁନ୍ ମନେ ମନ୍ ରିସ୍ ହେଉନ୍ ଗୋଲୋ । ରାଜାକେ ମାରତୋ ସେତି ଠିକାନା କଏର୍‌ଲୋ । ଖେପକ୍ ଭୀମସେନ ଆଉ ରାଜାଟ୍ ଭିତରେଁ ଜୋର୍‌ଦାର୍ ଲଢ଼େଇ ହେଲୋ । ଧରତି କାପୁଁନ୍ ଗୋଲୋ । ଲୋଗମାନେ ଥର୍ ଥରୁନ୍ ଗଲା । ଭୀମସେନ ଆପ୍‌ଲଏଁ ହାଥେଁ ଚିକ୍‌ଟୁନ୍ ଦେଲୋ ।



କୀଚକ ଭୟରେ ସମସ୍ତେ ଡାଟି କବାଟ ଦେଲେ । ଘରେ ରହିଲେ । ଭଗବାନ ସବୁକଥା ସହନ୍ତି । ମଣିଷର ଗର୍ବ ସହି ନଥାନ୍ତି । କଟୁ କଥା ମଧ୍ୟ ସହ୍ୟ କରି ନ ଥାନ୍ତି ।ଭୀମସେନଙ୍କ କାନରେ କୀଚକର ଗର୍ବ କଥା ପଡ଼ିଲା । ସେ ମନେ ମନେ ରାଗିଗଲେ । କୀଚକକୁ ବଧ କରିବାକୁ ସ୍ଥିର କଲେ । ଥରେ ଭୀମସେନ ଓ କୀଚକ ଭିତରେ ଘମାଘୋଟ ଲଢ଼େଇ ହେଲା । ମେଦିନୀ କମ୍ପିଲା । ଲୋକମାନେ ଭୟରେ ଥରିବାକୁ ଲାଗିଲେ । ଭୀମସେନ କୀଚକକୁ ନିଜ ହାତରେ ଚକଟି ଦେଲେ ।

ପିସାନ ଚିକଟ୍‌ଲୋ ବରୋବେର ଚିକଟୁନ୍ ଦେଲୋ । ଭୀମସେନ୍ ହୁନାକେ ଆଗିଁଏଁ ଲେସୁନ ଦେଲୋ । ବିଦୁର ହେଲୋଟୋ ଫଲକେ ଲାହେଲା । ଭୀମସେନ ଟୋ ହାଥେଁ ଡାଏଢ଼ଲୋ ଆଉ ଲାଖଡ଼ି ହେଉନ୍ ଗୋଲୋ । କଏ ଦିନ ଗୋଲ । ଘାମ୍ ଗୋଲୋ ପାଛେ ପାନି ଏଲୋ । ଧୁର୍ରା ମାଟି ଚିଖଲ ହେଲୋ । ବାଦର୍‌ଲେ ପାନି ଥିପ୍‌ଲୋ । ଧର୍‌ତି ମାଟି ସେମ୍ଭିରସ୍ୟା ଦିସଲୋ । କୀଚକ ରାଜାଟୋ ଲାଖଡ଼ି ଯୋନ୍ ଜାଗାଏଁ ପାଡୁଁ ରହେଲୋ । ହୁନ୍ ଜାଗାଏଁ ପାନି ପଏଡଲୋ ଆଉ ହୁନ୍ ଜାଗାଏଁ ଗୋଟକ୍ ନୱାଁ ଜୀଉ ଜନମ୍ ହେଲୋ । ହୁନ୍ ନାଉଁ ଜୀଉ ହେଲୋ ଜଲୁ ।



ଅଟା ଚକଟିଲା ପରି ଚକଟି ଦେଲେ । ଦୁଷ୍ଟ କୀଚକ ମାଟି ପିଣ୍ଡୁଳା ପରି ନରମ ହୋଇଗଲା । ଭୀମସେନ ତାକୁ ନିଆଁରେ ପୋଡିଦେଲେ । ଦୁଷ୍ଟାମି କରିବାର ଫଳ ପାଇଲା ଭୀମସେନଙ୍କ ହାତରେ ପୋଡିଜଳି ପାଉଁଶ ହୋଇଗଲା । କିଛିଦିନ ଗଲା । ଖରା ପରେ ବର୍ଷା ଆସିଲା । ଧୂଳିଆ ପୃଥିବୀ କାଦୁଆ ହେଲା । ଆକାଶରୁ ବର୍ଷା ପାଣି ଝରିଲା । ମାଟିଆ ପୃଥିବୀ ଶାଗୁଆ ହେଲା । କୀଚକର ପାଉଁଶ ଯେଉଁ ସ୍ଥାନରେ ପଡ଼ିଥିଲା, ବର୍ଷା ପାଣି ପଡ଼ି ସେଠାରେ ଗୋଟାଏ ନୂଆ ଜୀବ ସୃଷ୍ଟି ହେଲା । ସେହି ନୂଆ ଜୀବଟି ଥିଲା ଜୋକ ।

ହୁନ୍ ଦିନ ଚୋ ଆଗିଲ୍‌ଲେ ୟୋ ପିର୍ଥି ଏଁଜଲୁ ନାହିଁ ରହିଁ ପାନିଏଁ ଜଲୁ ରହଏଦେ । ବିଦୁର କୀଚକ ରାଜାଚୋ ଲାଖଡ଼ି ଏକା ଜୋଲୁ ବଏନ୍‌ଲୋ । ପାନି କାଗ୍ରାଏଁ ଚିଖଲେ ଜୋଲୁମାନେ ରହଏଦେ । ହୁମାନ୍‌ଚୋ ଖାତୋହାରା ହେଲୋ ମାନୁଷଚୋ, ଗାୟ, ବୈଲାଚୋ ଲହୁ । ଜୋଲୁ ଯାଚୋ ଗାଗ୍‌ଡ଼େଁ ଲଟଇକ୍‌ଲେ ହୁନାଚୋ ଲହୁକେ ଚୁହଏଦେ । ହୁମାନ୍‌ଚୋ ମୁହେଁ ନୋନ୍ ଦେଲେ ଛାଡ୍ଡୁନ୍ ଯାତେ । ଚାବାଁ ଚାବାଁ ଗାୟ ବୈଲାକେ ମରାଉଁନ୍ ଦେଇଦେ । ଆଦିବାସୀ ବିଶ୍ୱାସ କରତେ । ଭୀମସେନ୍‌ଚୋ ଉପରେ ରିସ୍ ଶୁଝାତୋ ସେତିକ୍ ମାହାଦେଓ ଚୋ କୀଚକ ରାଜା ଜଲୁ ଜନମ୍ ନେଲୋ । ଜୀଓ୍ୱମାନ୍‌ଚୋ ଗାଗଡ଼ଲେ ଲହୁ ଘିଁଚ୍‌ତାହେ ।



ସେଦିନ ଯାଏ ପୃଥିବୀରେ ଜୋକ ନ ଥିଲେ । ବର୍ଷା ପାଣିରେ ଜୋକ ରହିଲେ । ଦୁଷ୍ଟ କୀଚକ ପାଉଁଶରୁ ହିଁ ଜୋକ ସୃଷ୍ଟି ହେଲା । ପାଣି କୂଳରେ କାଦୁଅ ପଙ୍କରେ ଜୋକମାନେ ରହିଲେ । ସେମାନଙ୍କ ଖାଦ୍ୟ ହେଲା ମଣିଷ, ଗୋରୁ ଗାଈଙ୍କ ରକ୍ତ । ଜୋକ ଯାହା ଦେହରେ ଲାଗିଲେ ତାଙ୍କ ରକ୍ତ ଶୋଷିଲେ । ତାଙ୍କ ମୁହଁରେ ଲୁଣ ଦେଲେ ଛାଡେ । କାମୁଡ଼ି କାମୁଡ଼ି ଜୀବମାନଙ୍କୁ ମାରି ପକାଇଲେ । ଆଦିବାସୀ ବିଶ୍ୱାସ କରନ୍ତି ଭୀମସେନଙ୍କ ଉପରେ ରାଗ ଶୁଝିବା ଲାଗି ମହାଦେବଙ୍କ କୀଚକ ଜୋକ ହୋଇ ଜନ୍ମ ନେଇଛନ୍ତି । ଜୀବମାନଙ୍କ ଦେହରୁ ରକ୍ତ ଟାଣୁଛି ।

# ମାକଡ଼ ଚୋ ଜନମ୍ (ମାଙ୍କଡ଼ ଜନ୍ମ କଥା)

ଖୁବୟ ଦିନ ଚୋ ଆଗିଲ୍ଏଁ ପୁର୍ଥିଏଁ ମାକଡ଼ ନାହିଁ ରହିଁ । ପାତ୍ ମାକଡ଼ି ନାହିଁ ରହିଁ କି ଢ଼ୋନା ମାକଡ଼ ନାହିଁ ରହିଁ । ହୁନ୍ ଘଡି ଆମ୍ଚୋ ପୁର୍ଥି ନୱା ବନୁନ୍ ରହଏ । ପୁର୍ଥିଏଁ ରୁକ୍ରାଇ ନଏଁଦ୍ ନାଲ ଝରନ ନୱା ବନୁଁନରହଏ । ବନ୍ ଭିତରେଁ ଗୋଟୋକ୍ ଗୋଁଣ୍ ଗାଁଓ ରହେଲୋ । ଗାଓ୍ୱେଁ ସଭଏ ଗୋଁଣ୍ ଆଦିବାସୀ ରହେଲା । ଡୋଙ୍ଗର୍ ପାହାଡ଼୍ ହୁମାନ୍ଚୋ ସବଦିନିଆଁ ସଙ୍ଗୱାରୀ । ହୁଁଥଏଁ ଜନମ କରମ୍, ହୁଥଏଁ ମରନ । ବରଷ୍କେ ଆନିବାନି ତିହାର୍ ବାହାର୍ ମାନ୍ତୋ, ନାଚ୍ ଗୀତ୍କରତୋ, ଭୋଜିଭାତ୍ କରତୋ ହୁମାନ୍ ଚୋ କାମ୍ ହୁନ୍ । ରହେଲେ ଖୁସ୍ ନ ରହେଲେ ଖୁସ୍ । ଖାଏଲେ ଖୁସ୍ ନା ଖାଏଲେ ଖୁସ୍ ।



ବହୁଦିନ ତଳେ ପୃଥିବୀରେ ମାଙ୍କଡ଼ ନ ଥିଲେ । ପାତି ମାଙ୍କଡ଼ ନ ଥିଲେ କି ହନୁ ମାଙ୍କଡ଼ ମଧ୍ୟ ନ ଥିଲେ । ସେତେବେଳେ ଆମ ପୃଥିବୀ ନୂଆ ତିଆରି ହୋଇଥିଲା । ପୃଥିବୀରେ ଗଛଲତା, ନଈ ଝରଣା ନୂଆ ହୋଇ ତିଆରି ହୋଇଥିଲା । ବଣ ଭିତରେ ଗୋଟିଏ ଗଣ୍ଡ ଗାଁ ଥିଲା । ଗାଁ ରେ ସମସ୍ତେ ଥିଲେ ଗଣ୍ଡ ଆଦିବାସୀ । ବଣ ପାହାଡ ସେମାନଙ୍କର ନିତିଦିନର ସାଙ୍ଗ । ସେହିଠାରେ ଜନ୍ମ, ସେହିଠାରେ ମୃତ୍ୟୁ । ବର୍ଷକରେ ବିଭିନ୍ନ ପର୍ବ ପର୍ବାଣି ପାଳିବା, ନାଚଗୀତ କରିବା, ଭୋଜିଭାତ କରିବା ସେମାନଙ୍କର କାମ । ଥିଲେ ଖୁସି ନ ଥିଲେ ମଧ୍ୟ ଖୁସି । ଖାଇଲେ ଖୁସି ନ ଖାଇଲେ ମଧ୍ୟ ଖୁସି ।

ହୁନ୍ ଗାଁଓଟୋ ଗୋଟୋକ୍ ଘରେଁ ରହତେ ଗୋଟୋକ ଗୋଁଣ ବୁଢ଼ା ଆଉ ହୁନାଟୋ ଲକିଆ । ହୁମାନେ ବଡ଼ାଏ ଗରିବ୍ । ଖୁବୟ ଦିନଲେ ଭୁକ ଉପାଷେଁ କାଟ୍ତେ । ବନ୍ ଝାଡ଼୍ କେ ଯାହୁନ୍ କାନ୍ଦା କୁଲିଆ ଫଳମୂଳ ଆନତୋ ହୁମାନ୍ ଟୋ ସବ୍ ଦିନିଆ ସଙ୍ଗ୍ୱାରୀ । ହୁମାନ୍ ଟୋ କାଜେଁ ହୁନେହାର୍ ସରଗ୍ ହୁନେଇହାର ମଞ୍ଚ । ଗୋଁଡ଼୍ ବୁଢ଼ା ଯେଲକ୍ ବେରା ବନ୍‌କେ ଯାହୁନ୍ ରୁକ୍ କାଟଏଦେ । ଆପ୍‌ଲୁ ଲକିଆ ରାନ୍ଧାବାଁଟା କରଇଦେ । ଦୁଲ୍‌ହାଏସ୍ ଟୋ ଖାତୋ ହାର୍ କେ ଧରୁନ୍ ବନକେ ନେହୁନ୍ ଦଏ ।



ସେହି ଗାଁରେ ଗୋଟିଏ ଘର । ଘରେ ରହନ୍ତି ବାଣୁଆ ଓ ତା'ର ସ୍ତ୍ରୀ । ସେମାନଙ୍କର ଭାରି ଗରିବ । ଅନେକ ଦିନ ଭୋକ ଉପାସରେ ରହନ୍ତି । ବଣ ଜଙ୍ଗଲକୁ ଯାଇ ଫଳମୂଳ ଆଣିବା ତାଙ୍କର ବୃତ୍ତି । କାଠ କାଟି ତାକୁ ବିକ୍ରି କରନ୍ତି । ବଣ ମୂଳକ ତାଙ୍କର ନିତିଦିନିଆ ସାଥୀ । ସିଏ ତାଙ୍କ ପାଇଁ ସ୍ୱର୍ଗ ସିଏ ତାଙ୍କ ପାଇଁ ମର୍ତ୍ତ୍ୟ । ବାଣୁଆ ପୁରୁଷଟି ଯେତେବେଳେ ବଣକୁ ଯାଏ କାଠ କାଟେ । ସ୍ତ୍ରୀ ରନ୍ଧାବଢ଼ା କରେ । ଖାଇବାକୁ ନେଇ ବଣକୁ ଯାଏ ।


ଦିନାଏକ୍ ଗୋଁଣ ଚୋ ଲକିଆ ଖାତୋହାର୍ ନେତୋ କାମ୍ ଡେରି କରୁନ୍ ଦେଲି । ଗୋଁଣ ବୁଢ଼ାକେ ଜୋରେଁ ଭୁକ୍ ଲାଏଗ୍ଲୋ । ଭୁଖେଁ ଚୋଣ ଓଁଠ୍ ଶୁଖୁନ୍ ଗୋଲୋ । ଲକିଆଏସ୍ ଚୋ ଡ଼େରି କଏର୍ଲୋ ହାକେ ସହୁଁକ୍ ନାହିଁ ସକିଂ । ଗୋଟୋକ ଆଧା ଡାଏଢ଼ଲୋ ରୁଖ୍ ଉପର୍ କେ ଚେଘୁନ୍ ଗୋଲୋ ସବ୍ ବାହୁଁକେ ଦେଖ୍ଲୋ । ଆପ୍ଲୁ ଲକିଆ ଏତାହେ କି ନାହିଁ ବଲୁନ୍ ଦେଖଲୋ । ଲେକିନ୍ ହକିଆ ହେଲେ ଏତ୍ ନରହଏ କି ଭୁକ୍ ହେଲେ ଛାଁଡ଼ତ୍ ନରହଏ । ମନ ଦୁଃଖଏଁ ହୁନ୍ ରୁକ୍ ଲେ ଉତଏର୍ ଲେ । ଗୋଣ ବୁଢ଼ା ଚୋ ହାଁଥ କାଳିଆ ହେହୁନ୍ ଯାହୁଁ ରହଏ ।



ଥରେ ବାଣୁଆ ସ୍ତ୍ରୀ ଖାଇବାକୁ ନେବାରେ ଡେରି କରିଦେଲା । ବାଣୁଆ ଲୋକକୁ ଭୀଷଣ ଭୋକ ହେଲା । ଭୋକରେ ଓଠ ପାଟି ଶୁଖିଗଲା । ସ୍ତ୍ରୀର ବିଳମ୍ବ ସହି ପାରିଲା ନାହିଁ । ଗୋଟିଏ ଅଧା ଜଳା ଗଛ ଉପରେ ଚଢ଼ିଲା । ଚାରିଆଡକୁ ଚାହିଁଲା । ସ୍ତ୍ରୀ ଆସୁଛି କି ନ ଆସୁଛି ଦେଖିଲା । କିନ୍ତୁ ସ୍ତ୍ରୀ ଆସୁ ନ ଥିଲା କି ଭୋକ କମୁ ନ ଥିଲା । ମନ ଦୁଃଖରେ ଗଛରୁ ତଳକୁ ଓହ୍ଲାଇଲା । ବଣୁଆ ଲୋକର ହାତ କଳା ହୋଇଗଲା ।

ପିଲାଙ୍କ କଥା


ହୁନ ଡାଏଢ଼ଲୋ ରୁଦ୍ଧ ଟୋ କୋଇଲା ଏଁ ଫେର ହାଁଥ ଦୁଠୁନ୍ କେ ରେତୁଁନ୍ ଆପଲୁ ମୁହେଁ ମଖାଉନ ଦେଲୋ । ହୁନାଟୋ ମୁଁହଁ କୋଇଲା ଖିଆଏଲ କାଲିଆ ଭିଙ୍ଗ୍ ହେହୁନ୍ ଗୋଲୋ । ହୁନଏ ଦିନଲେ ଗୋଁଣ ବୁଢ଼ା ହୁନ ନେଙ୍ଗଲେ ଗୋଟୋକ୍ ନଓ୍ବା ମାକଡ଼୍ ହେଲୋ ବଏନ୍‌ଲୋ । ନଓ୍ବା ପୁର୍ଥି ନଓ୍ବା ମାକଡ଼୍ । ମାକଡ଼୍ ରୁକ୍ ଟୋ ଜକନାଲେ ଜକନାକେ ଢ଼େଗଏଲୋ । ରୁକଲେ ପାନ୍, ଫଲ୍, ଫୁଲ୍ ଖାଏଲୋ । ମାନୁଷ ମାଁକଡ଼ ହେଲୋ । ଫେଁକାଏର୍ ଲୋ ହୁକି ମାଏର୍‌ଲୋ । ପୁର୍ଥିଏଁ ନଓ୍ବା ମାକଡ଼୍ ରହେଲୋ । ହୁନଏ ଦିନ୍‌ଟୋ ମାକଡ଼ ଲେ ଆଏଜ୍ ଟୋ ମାକଡ଼ ହେହୁନ୍ ଆଛଏତ୍ ।



ଗଛ ଅଙ୍ଗାରରେ ଦୁଇ ପାପୁଲି କିଟିମିଟି କଲା । ସେହି କଳା ହାତ ତା ନିଜ ମୁହଁରେ ବୋଳିଦେଲା ।  ମୁହଁଟି ତା'ର କୋଇଲା ପରି କଳା ହୋଇଗଲା । ସେହିଦିନ ସେହିଠାରେ ବଣୁଆ ଲୋକଟି ଗୋଟିଏ ନୂଆ ମାଙ୍କଡ଼ ହେଲା ।ନୂଆ ପୃଥିବୀ ନୂଆ ମାଙ୍କଡ଼ ।ମାଙ୍କଡ଼ ଗଛ ଡାଳରୁ ଡାଳକୁ ଡ଼େଇଁଲା । ପତ୍ର ଫଳ ଖାଇଲା । ଝରଣା ପାଣି ପିଇଲା । ସେହି ଦିନଠାରୁ ଗଣ୍ଡ ମଣିଷର ସ୍ୱର ପରିବର୍ତ୍ତନ ହେଲା । ମଣିଷ ମାଙ୍କଡ଼ ହେଲା । ଖେଙ୍କିଲା ହୁଙ୍କାରିଲା । ପୃଥିବୀରେ ନୂଆ ମାଙ୍କଡ଼ ରହିଲେ । ସେହିଦିନର ମାଙ୍କଡ଼ରୁ ଆଜିର ମାଙ୍କଡ଼ ହୋଇଛନ୍ତି ।

# ରୁକ୍ ଚୋ ଜନମ (ଗଛ ଜନ୍ମ କାହାଣୀ)

ଖୁବୟ ଦିନ ଚୋ ଆଗିଲ ପୁର୍ଥିଏଁ ରୁକ୍ ନାହିଁ ରହିଁ । ନୱା ପୁର୍ଥି ବଏନ୍‌ଲୋ । ହୁନ୍ ଘଡ଼ି ପୁର୍ଥି ଏଁ ମାନୁଷ୍ ସେଙ୍ଗ୍ ଆନି ବାନି ଚୋ ଜୀଉ ଜନ୍ତୁ ରହେଲା । ହୁମାନେ ଦିନ୍‌କେ ଦିନ୍ ବାଢ଼ତେ ବାଢ଼ତ ଖୁବଏ ହେଲା । ପୃର୍ଥିଏଁ ବୋଝ୍ ବାଏଢ଼ଲୋ । ପୃର୍ଥିଏଁ ଡୋଙ୍ଗର୍ ପାହାଡ଼୍, ନଏନ୍ଧ୍, ନାଲ୍, ରୁକ୍ ରାଇ ଚୋ ବୋଝ୍ ଖୁବୟ ହେଲୋ । ପୃର୍ଥିଚୋ ମାଟି ଭିତର୍ କେ ଭାଁସୁନ୍ ଗୋଲୋ । ମାନୁଷ ଜାଏତ୍ ଡରେଁ କାଁଏପ୍ ଲୋ । କାଏଁ କରତୋ ? ସଭଏ ମାହାଦେଓ ନେଙ୍ଗ ବିନ୍‌ତି ବିନ୍‌ଲା ।



ବହୁଦିନ ତଳେ ପୃଥିବୀରେ ଗଛ ନ ଥିଲା । ନୂଆ ପୃଥିବୀ ତିଆରି ହେଲା । ସେତେବେଳେ ପୃଥିବୀ ନରମ ଥିଲା । ପୃଥିବୀରେ ମଣିଷ ଜୀବଜନ୍ତୁ ଥିଲେ । ସେମାନଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିଲା । ପୃଥିବୀର ଭାର ବଢ଼ିଲା । ପୃଥିବୀରେ ଜୀବଜନ୍ତୁ, ପାହାଡ଼, ପର୍ବତ, ନଈ, ଝରଣାର ଓଜନ ବେଶି ହେଲା । ପୃଥିବୀ ମାଟି ତଳକୁ ତଳ ଦବିଲା । ମଣିଷ ଜାତି ଭୟରେ ଥରି ଉଠିଲେ । କ'ଣ କରିବେ ? ସମସ୍ତେ ମହାପ୍ରଭୁଙ୍କ ନିକଟରେ ଗୁହାରି କଲେ ।

ମହାଦେଓ ହୁମାନ୍ ଚୋ ବିନ୍ତି ଶୁଇନ୍‌ଲା । ମାନୁଷ୍ ଜାଏତ୍ କେ ବଁଚାତୋ କାଯେଁ ଗୋଏଠ୍ ଦେଲୋ । ମାହାଦେଓ ପୃର୍ଥିକେ ଏକ୍‌ଦମ୍ ମଜ୍‌ଭୁତ୍ ବନାଏଲୋ । ହୁଁଥାଲେ ଭୀମସେନ୍ କେ ହଁଖ୍‌ରାଏଲୋ । ଭୀମସେନ୍ ହୁନଘଡ଼ି ସବଲେ ବଡ଼େ ବଲଓ୍ୱାନ୍ ରହେଲୋ । ହୁନ୍‌ସବ୍ ଗୋଏଠ୍ ଜାଏନ୍ ଲୋ । ଭୀମସେନ ମାହାଦେଓ ଚୋ ଗୋଏଠେଁ ଗୋଟୋକ୍ ଠେଙ୍ଗା କେ ଚାଏର୍ ଗୋନ୍ଧା କଏର୍‌ଲୋ । ହୁନ୍ ଚାଏର ଠାନ୍ ଗୋନ୍ଧା କେ ଭୀମସେନ ଉବତି, ବୁଡ଼ତି, ରକ୍‌ଷାହୁ, ଭଣ୍ଡ୍‌ରାହୁ ଚାଏର୍‌ଦିଗ୍ କେ ଫିଙ୍ଗୁନ୍ ଦେଲୋ । ଭୀମ୍‌ସେନ୍ ଚୋ ହୁନ୍ ଚାଏର୍ ଗୋନ୍ଧାଲେ ଚାଏର୍ ଠାନ୍ ରୁକ୍ ବଏନ୍‌ଲୋ ।



ମହାପ୍ରଭୁ ସେମାନଙ୍କର ଗୁହାରି ଶୁଣିଲେ । ମଣିଷ ଜାତିକୁ ବଂଚାଇବା ଲାଗି ସଂକଳ୍ପ କଲେ । ମହାପ୍ରଭୁ ପୃଥିବୀକୁ ମଜଭୁତ କରିବାକୁ ଚେଷ୍ଟା କଲେ । ବୀର ଭୀମସେନକୁ ଡାକିଲେ । ଭୀମସେନ ଥିଲେ ସେତେବେଳେ ସବୁଠାରୁ ବଳୁଆ, ସବୁଠାରୁ ଟାଣୁଆ । ସେ ସବୁକଥା ଜାଣିଥିଲେ । ଭୀମସେନ ମହାପ୍ରଭୁଙ୍କ କଥାରେ ଖଣ୍ଡେ ବାଡିକୁ ଚାରିଖଣ୍ଡ କଲେ । ଚାରିଖଣ୍ଡ ଛୋଟ ଛୋଟ କାଠିକୁ ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣକୁ ଫିଙ୍ଗିଲେ । ଭୀମସେନଙ୍କ ଚାରିଖଣ୍ଡ କାଠିରୁ ଚାରୋଟି ଗଛ ଉଠିଲା ।

**ହୁନ୍ ରୁଖେଁ ଫୁଲ, ଫଳ ଧଏର୍ ଲୋ । ଫଲ ଭୁଁଇଏଁ ପଏଡ଼ ଲୋ । ହୁନେ ଚୋ ବିଟିଲେ ଖୁବୟ ନଓ୍ୱା ରୁକ୍ ହେଲୋ । ହୁଁସଏ ହୁଁସଏ ନଓ୍ୱା ରୁକ୍ ମାନ୍ ପୃର୍ଥି ଚୋ ସବ୍ ବାଁହୁକେ ବଗ୍ରୁନ୍ ଗୋଲୋ । ପୃର୍ଥିଏଁ ବନ୍ ଜଙ୍ଗଲ୍ ବଏନ୍‌ଲୋ । ନଓ୍ୱା ରୁକ୍ ମାନ୍ ଚୋ ନଓ୍ୱା ଚେର୍ ମାନ୍ ମାଟିକେ ଜବ୍‌ଢୁନ୍ ଧଏର୍‌ଲୋ । ମାଟି ଜମୁନ୍ ଟାନ୍ ହେଲୋ । ପାନି ବରଷା ଘଡ଼ିକ୍ ମାଟି ଧୋଇଁ ହଇଁ ନାହିଁ । ଘାମ୍ ଘଡ଼ି ଗରମ୍ ଧୁକାଏଁ ଧୁର୍‌ରା ଉଡିଁ ନାହିଁ । କଷି ପୃର୍ଥି ଧିରେ ଧିର୍ ଜୁଇର୍ ଲୋ । ଜୀଉ ଜନ୍ତୁ ବାଢୁନ୍ ଗଲା ।**



ସେହି ଗଛରେ ଫଳ ଧରିଲା । ଫଳ ତଳେ ପଡ଼ି ପୁଣି ନୂଆ ଗଛ ସୃଷ୍ଟି ହେଲା । ନୂଆ ଗଛର ସଂଖ୍ୟା ଦିନକୁ ଦିନ ବଢ଼ିଲା । ପୃଥିବୀରେ ବଣ ଜଙ୍ଗଲ ସୃଷ୍ଟି ହେଲା । ନୂଆ ଗଛର ନୂଆ ଚେର ମାଟିକୁ ଜାବୁଡ଼ି ଧରିଲା । ମାଟି ଟାଣ ହୋଇ ରହିଲା । ଗଛ ଚେର ମାଟିକୁ ମଜଭୁତ୍ କରି ରଖିଲା । ନରମ ପୃଥିବୀ ଟାଣ ହେଲା । ଜୀବଜନ୍ତୁଙ୍କ ସଂଖ୍ୟା ବଢ଼ିଲା । କିନ୍ତୁ ଟାଣ ପୃଥିବୀ ଆଉ ତଳକୁ ଦବିଯିବାର ଭୟ ରହିଲା ନାହିଁ ।

ପିଲାଙ୍କ କଥା

ପୃର୍ଥି ଆଉ ଭୋଁଷଲତୋ ଚୋ ଡ଼ର୍ ନାହିଁ ରହିଁ । କାଁଏ କାଯ ରୁକ୍ ଚୋ ଚେର୍ ମାଟିକେ ଧରୁନ୍ ଆହେ ।ହୁନ୍ ଦିନ୍‌ଲେ ପୃର୍ଥିଏଁ ରୁକ୍ ଜନଏମ୍‌ଲୋ । ମାନୁଷ୍ ଚୋ ସଂଙ୍ଗ୍‌ୱାରି ବଏନ୍‌ଲୋ । ମାନୁଷ୍ ଘଲାଏ ଦେଓ ବଲୁନ୍ ପୂଜା ପାଏଠ୍ କଏର୍ ଲୋ । ମିତ୍ ହେହୁନ୍ ରୁକ୍ ଚୋ ରକ୍ଷା କଏର୍ ଲୋ । ନଓ୍ୱା ନଓ୍ୱା ରୁକ୍ ରୋଏପ୍‌ଲୋ । ଯତନ୍ କଏରଲୋ । ପୃର୍ଥିଚୋ ଲୋଗ ଖୁସିଏଁ ଚଏଲ୍‌ଲା । ରୁକ୍‌ଲେ ଦାରୁ, ପାନ, ଓଷାହା ଲାହେଲା । ଅମ୍ଳଜାନ୍ ଲାହେଲା ରୁକ୍ ରୋପତୋ ହା ପୁଇନ୍ କାମ୍ ବଲୁନ୍ ବଏଲ୍‌ଲା । ୟୋ ରୁକ୍ ଭୀମ୍‌ସେନ୍ ଚୋ ଚାଏର୍ ଗୋଣ୍ଡା ଖୋଟ୍‌ଲିଲେ ଜନମ୍ ନେଲୋ ବଲୁନ୍ ଆଦିବାସୀ ମାନ୍ କହିନ୍ କହତେ ।



ବର୍ଷାଦିନେ ବର୍ଷା ପାଣିରେ ମାଟି ଧୋଇଗଲା ନାହିଁ । ଖରାଦିନରେ ଗରମ ପବନରେ ଧୂଳି ଉଡ଼ିଗଲା ନାହିଁ । ସେହିଦିନଠାରୁ ପୃଥିବୀରେ ଗଛ ସୃଷ୍ଟି ହେଲା । ମଣିଷର ସାଥି ହେଲା । ମଣିଷ ମଧ୍ୟ ଦେବତା ରୂପେ ପୂଜା କଲା । ମିତ୍ର ହୋଇ ଗଛର ସୁରକ୍ଷା କଲା । ନୂଆ ନୂଆ ଗଛ ଲଗାଇଲା । ଯତ୍ନ ନେଲା । ପୃଥିବୀବାସୀ ଆନନ୍ଦରେ ଚଳିଲେ । ଗଛରୁ କାଠ, ପତ୍ର, ଔଷଧ ପାଇଲେ । ଅମ୍ଳଜାନ ପାଇଲେ । ଗଛ ଲଗାଇବା ପୂଣ୍ୟ କାର୍ଯ୍ୟ ରୂପେ ଗ୍ରହଣ କରାଗଲା । ଏହି ଗଛ ଭୀମସେନଙ୍କ ଚାରିଖଣ୍ଡ ଛୋଟ କାଠିରୁ ଜନ୍ମ ନେଇଥିଲା ବୋଲି ଆଦିବାସୀମାନେ ଗପ କହିଥାନ୍ତି ।


# ବିଜଲି ଜନମ (ବିଜୁଳି ଜନ୍ମ କଥା)

ଖୁବଏ ଦିନ୍ ଟୋ ଗୋଏଠ୍ । ପିରଥି ନୱା ବନୁନ୍ ରହଏ । ପିରଥି ଏଁ ରୁକ୍ ରାଇ ଡୋଙ୍ଗୋର୍ ପାହାଡ଼୍ ସବ୍ ଜାଏତ୍ ରହେଲୋ । ବନ୍ ଜଙ୍ଗଲେଁ ରହତ ରହେଲା ଆଦିବାସୀ ଲୋଗ୍ । ହୁଁନ୍ ଭିତରେଁ କୋୟା ମାନ୍ ରହତ୍ ରହେଲା । ଦରିଡିପୁର୍ଟ୍ ବଲୁନ୍ ଗୋଟୋକ୍ ଗାଁୱ୍ ରହେଲୋ । ଗାଁଓ ଟୋ ସଭୟ ଲୋଗ କୋୟା । ବନ ବୁର୍ରା, ଡ଼ୋଙ୍ଗର୍ ପାହାଡ଼୍ ଏଁ ହୁଁମାନ୍ ଟୋ ଜନମ୍ । ଡୋଙ୍ଗର୍ ପାହାଡ଼୍ ହୁମାନ୍ ଟୋ ଜୀଉ । ନାଚଗୀତ, କରତୋ, ମଁଦ୍ ପିତୋ, ପରବ୍ ତିହାର୍ ମାନ୍‌ତୋ, ଦେଓ ଧାମି ଟୋ ପୂଜା କରତୋ ହୁଁମାନ ଟୋ ସବ ଦିନିୟାଁ ବୁତା ହୁଁନ୍ । ଦରିଡିପୁଟ ଗାଁୱେଁ ଖୁବୟ ହିର୍‌ରା ରୁକ୍ ରହେଲୋ ।



ଅନେକ ଦିନ ତଳର କଥା । ପୃଥିବୀ ନୂଆ ତିଆରି ହୋଇଥିଲା । ଗଛଲଟା, ପାହାଡ଼, ଜଙ୍ଗଲ ସବୁକିଛି ଥିଲା । ବଣ ଭିତରେ ରହୁଥିଲେ ଆଦିବାସୀ ଲୋକେ । ସେମାନଙ୍କ ଭିତରେ କୋୟାମାନେ ରହୁଥିଲେ । ହରିଡିପୁଟ ବୋଲି ଗାଁଟିଏ ଥିଲା । ଗାଁରେ ସମସ୍ତେ କୋୟା । ବଣ ପାହାଡ଼ରେ ସେମାନଙ୍କର ଜନ୍ମ । ବଣ ପାହାଡ଼ରେ ହିଁ ସେମାନଙ୍କର ଜୀବନ । ନାଚଗୀତ କରିବା, ମଦ ପିଇବା, ପର୍ବ ପାଳିବା, ଦେବତାଙ୍କୁ ପୂଜା କରିବା ନିତିଦିନର କାମ । ହରିଡ଼ିପୁଟରେ ଅନେକ ହରିଡ଼ା ଗଛ ଥିଲା ।

ଗାଁଓ୍ୱେଁ ଗୋଟୋକ୍ ଗଉଡ଼୍ ରହେଲୋ । ହୁଁନାଟୋ ଏକ୍ ଗୋହଡ଼୍ା ଗାଏ ରହେଲୋ । ବିହନିଆ ହେଲେ ସବ ଗାଏକେ ବନ୍‌କେ ନେତେ । ସାଁଞ୍ଜ ହେତୋ ଆଗିଲ୍‌ଲେ ଗାଏ ଗୋଏଠ୍‌କେ ଧରୁନ୍ ଗାଁଓ କେ ଫିରତେ୍ । ଭାରି ସିଧାସାଧା ଲୋଗ ରହେଲୋ ଗଉଡ଼୍ । କାଚୟ ସେଙ୍ଗ ଝଗଡ଼ା ନାହିଁ ରହିଁ । ଏକ ଦିନ୍ ଗାଏ ଗୋଏଠ୍ ନେହୁନ ନଏନ୍ଧ୍ ଖଏଣକେ ଗୋଲୋ । ଗାଏ ଗୋହଡ଼ା ବନ୍‌କେ ଚରତ୍ ରହଏତ୍ । ଗଉଡ଼୍ ରୁକ୍ ପେଁଣେ ଛହିଁଆଏଁ ବଏସଲୋ । ଆକସ୍‌ମାତ୍ ଦେଖଲୋ - ପାନି ଭିତରେଁ ଗୋଟୋକ ସୁନ୍ଧର ପଦ୍ମା ଫୁଲ । ଲାଲ ଆଉ ପଣ୍ଡରା ରଙ୍ଗଟୋ ଫୁଲ । ହୁଁନ ଫୁଲେଁ ପଦ୍ମା ଫୁଲ ଖି୍ଆଏଲ ସୁନ୍ଧ୍ରହୀ ନୋନି ପିଲା ଗୋଟୋକ କେଁ ହେଲ୍ କେଁ ହେଲ୍ ଗାଗତ୍ ରହଏ ।




ଗାଁରେ ଥିଲେ ଜଣେ ଗଉଡ଼ । ପଲେ ଗାଈ ତାଙ୍କର ଥିଲା । ସକାଳ ହେଲେ ବଣକୁ ଗାଈ ନିଅନ୍ତି । ସଂଜ ଆଗରୁ ଗାଈଗୋଠ ଧରି ଗାଁକୁ ଫେରନ୍ତି । ଭାରି ସରଳିଆ ଲୋକଟିଏ ଥିଲେ ଗଉଡ଼ । କାହା ସାଙ୍ଗରେ ଝଗଡ଼ା ନ ଥିଲା । ଥରେ ଗାଈଗୋଠ ଧରି ନଈ କୂଳକୁ ଗଲେ । ଗୋରୁ ପଲ ଘାସ ଚରିଲେ । ଗଉଡ଼ ଗଛ ଛାଇରେ ବସିଲେ । ହଠାତ୍ ଦେଖିଲେ ପାଣି ଭିତରେ ଗୋଟିଏ ସୁନ୍ଦର ପଦ୍ମ ଫୁଲ । ନାଲି ଧଳା ରଙ୍ଗର ପଦ୍ମ । ପଦ୍ମରୁ ସୁନ୍ଦର ଝିଅଟିଏ ବାହାରିଲା । କଇଁ କଇଁ ହୋଇ କାନ୍ଦିଲା । ଗଉଡ଼ ସେହି ଝିଅଟିକୁ ଘରକୁ ଆଣିଲେ ।

**ଗଉଡ଼ଭାଇ ହୁଁନ୍ ନୋନିକେ ଘରକେ ଆଏନ୍‌ଲୋ । ବେଟିସ୍ ଖିଆଏଲ୍ ପାଏଲଲୋ ପୋଏଷଲୋ । ଦିନ୍ କେ ଦିନ୍ ନୋନି ବାଢୁନ୍ ବଡ଼କା ହେଲି । କୋୟା ବାବୁ ପିଲା ଗୋଟୋକ୍ ରହଏ । ହୁଁନାଚୋ ନାଁଓ - ସନିଆ । ହୁଁନ ନୋନିକେ ମନ୍ କଏର୍‌ଲୋ । ଏକ୍ ଦିନ୍ ରାଏତେ ହୁନ୍ କୋୟା ବାବୁ ଗଉଡ଼ ଚୋ ଘରେଁ ପୋହଁଇଚ୍ ଲୋ । ଗଉଡ଼ ଘର୍ ଚୋ ପାଖା ଏଁ ହୁଁନ୍ କଏଠାନ୍ ଡେରନା ଖଏନ୍ ଲୋ । ଆକସ୍ମାତ ଗଉଡ଼ ଚୋ ବେଟିସ୍ ଚୋ ନିନ୍ଧ ଫାଁଏକଲୋ ହୁଁନ୍ ସନିଆ କେ ଦେଖ୍‌ଲି । ହୁଁନାକେ ଜୋରେଁ ରିଷ୍ ହେଲି । ସନିଆ ହୁଁଥାଲେ ପଲିଁ ନାହିଁ ।**



ଝିଅ ପରି ପାଳିଲେ । ଝିଅଟି ଦିନକୁ ଦିନ ବଡ଼ ହେଲା । କୋୟା ଯୁବକଟିଏ ଥିଲା । ନାଁ ତା'ର ସନିଆ । ସେ ଝିଅଟିକୁ ଭଲ ପାଇଲା । ଦିନେ ରାତିରେ କୋୟା ଯୁବକ ଗଉଡ଼ ଘରେ ପହଞ୍ଚିଲା । ଗଉଡ଼ ଘର କାନ୍ଥରେ କେତେଗୁଡ଼ିଏ ଗାତ ଖୋଳିଲା । ହଠାତ୍ ଗଉଡ଼ ଝିଅର ନିଦ ଭାଙ୍ଗିଗଲା । ସେ କୋୟା ଯୁବକକୁ ଦେଖିଲା । ତା ଉପରେ ଭୀଷଣ ବିରକ୍ତ ହେଲା । କିନ୍ତୁ କୋୟା ଯୁବକ ସେଠାରୁ ଗଲା ନାହିଁ । ବିରକ୍ତରେ ଝିଅଟି କୋୟା ଯୁବକ ଉପରକୁ ଖଣ୍ଡା ଫିଙ୍ଗିଦେଲା ।

ରିଶେଁ ହୁଁନ୍ ନୋନି ସନିଆ ଟୋ ଉପର କେ ଗୋଟୋକ୍ ଖାଣା ଫିଙ୍ଗୁନ୍ ଦେଲି । ହୁଁନ୍ ଘଡି ଚିଡ଼କେନ୍ ମାରୁନ୍ ଘଡ଼୍ ଘଡ଼୍ ଘଡ଼୍ ଘଡ଼୍ ଅୱାଜ୍ ହେଲୋ । ହୁଁନ୍ ଜୱାନ ବାବୁ କୋୟା ମାନ୍‌ଟୋ ଠାକୁର ଦେଓ ନେଙ୍ଗ ଗୋଲୋ । ହୁଁନାକେ ହୁଁନ୍ ଦେଓ ଲୁକାଉନ୍ ଥେଓ୍‌ଲି । ହୁଁନ୍ ନୋନି ଯୋନ୍ ଧାର୍ ବିତା ଖାଣା କେ ସନିଆ ଉପରେଁ ଫିଙ୍ଗ୍‌ଲି ହୁଥିଲେ ବିଜ୍‌ଲି ଜନମ ନେଲୋ । କାଲିଆ ବାଦରେଁ ହରଦିଆ ରଙ୍ଗଟୋ ବିଜଲି ବଡ଼ା ସୁନ୍ଦର ଦିଶ୍‌ଲୋ । ହୁଁନୟ ବିଜ୍‌ଲି ବାଦର୍ ଟୋ ପହିଲି ବିଜ୍‌ଲି ହୁଁନ୍ । କାଳିଆ ବାଦରେଁ ସୋନା ରଙ୍ଗ ଟୋ ବିଜ୍‌ଲି ହୁଁନୟ ଦିନଲେ ରହେଲୋ । ଏଭିଂତକ୍ ଆଛୟ୍ ।



ଯୁବକ ଜଣକ କୋୟାମାନଙ୍କ ଠାକୁର ଦେଓରଙ୍କ ପାଖକୁ ଗଲେ । ଦେଓର ତାଙ୍କୁ ଲୁଚେଇ ରଖିଲେ । କିନ୍ତୁ ଝିଅଟି ଯେଉଁ ଦାଡୁଆ ଖଣ୍ଡା ଯୁବକ ଉପରକୁ ଫିଙ୍ଗିଥିଲା । ସେହିଥିରୁ ହିଁ ସୃଷ୍ଟି ହେଲା ବିଜୁଳି । କଳାମେଘ ଦେହରେ ହଳଦୀ ରଙ୍ଗର ବିଜୁଳି ବେଶ୍ ଶୋଭା ଦିଶିଲା । ସେହି ବିଜୁଳି ହିଁ ଥିଲା ପହିଲି ଆକାଶରେ ପହିଲି ବିଜୁଳି । କଳାମେଘ ଦେହରେ ସୁନା ରଙ୍ଗର ବିଜୁଳି ସେହିଦିନଠାରୁ ରହିଲା ।  ଆଜିଯାଏ ରହିଛି । କିନ୍ତୁ ଗଉଡ଼ ଝିଅର ଖଣ୍ଡା ଫିଙ୍ଗାରୁ ପହିଲି ବିଜୁଳି ସୃଷ୍ଟି ହୋଇଥିଲା ।

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର